## ବାହାନଗା ସବ୍‌ରେଜେଷ୍ଟ୍ରି ଅଫିସ

# ୩୦୦ ଟଙ୍କାର ସରକାରୀ ସ୍ଲଟ୍ ବୁକିଂ ପାଇଁ ଆଦାୟ ହେଉଛି ୬ ହଜାର

ବାଲେଶ୍ୱର, ୮।୫ (ରୁଚିକ ରଞ୍ଜନ ମହାପାତ୍ର)




## ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ

ଜନସାଧାରଣଙ୍କ ସେବା ପାଇଁ ଖୋଲାଯାଇଥିବା ସରକାରୀ ଅଫିସ ଏବେ ସାଧାରଣ ଲୋକଙ୍କ ପାଇଁ ଯନ୍ତ୍ରଣା ଘର ପାଲଟିଛି। ବାଲେଶ୍ୱର ଜିଲ୍ଲାର ବାହାନଗା ସବରେଜେଷ୍ଟ୍ରି ଅଫିସରେ ଦୀର୍ଘ ୬ ରୁ ୭ ମାସ ଧରି ଚାଲିଥିବା ଅବ୍ୟବସ୍ଥା ଏବେ ଚରମ ସୀମାକୁ ପହଞ୍ଚିଥିବା ବେଳେ ସ୍ଲଟ ବୁକିଂ ନାଁରେ ଖୋଲାଖୋଲି ଲୁଟ୍ ଚାଲିଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁସାରେ ସ୍ଲଟ ବୁକିଂ ଫି ମାତ୍ର ୩୦୦ ଟଙ୍କା ଥିବାବେଳେ ବାହାନଗା ସବରେଜେଷ୍ଟ୍ରି ଅଫିସରେ ଜମି କିଣାବିକା ପାଇଁ ଏହା ୩ ହଜାରରୁ ୬ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ ହେଉଥିବା ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଟଙ୍କା ଦେଲେ ମଧ ଲୋକମାନେ ସମୟରେ ସ୍ଲଟ ପାଉନଥିବାରୁ ମାସ ମାସ ଧରି ଜମି କିଣାବିକା ଅଟକି ରହୁଛି। ଫଳରେ ଜମି କ୍ରେତା, ବିକ୍ରେତା ଓ ସାଧାରଣ ଲୋକ ନାହିଁ ନଥିବା ହଇରାଣ ହେଉଛନ୍ତି। ସବୁଠୁ ବଡ଼ ପ୍ରଶ୍ନ ହେଉଛି, ଏହି ସବରେଜେଷ୍ଟ୍ରି ଅଫିସରେ ସପ୍ତାହରେ ମାତ୍ର ତିନି ଦିନ ସୋମବାର, ଶୁକ୍ରବାର ଓ ଶନିବାର ଜମି ରେଜିଷ୍ଟ୍ରେସନ କାମ କରାଯାଉଛି। ପୁଣି ଶନିବାର ଛୁଟି ପଡ଼ିଲେ ସପ୍ତାହକୁ ମାତ୍ର ଦୁଇ ଦିନ କାମ ହେଉଛି। ବାକି ଚାରି ଦିନ ଅଫିସ ପ୍ରାୟ ଅଚଳ ଅବସ୍ଥାରେ ରହୁଥିବା ଅଭିଯୋଗ ହେଉଛି। ଏହା ସରକାରୀ ଅଫିସ ନା କୌଣସି ବ୍ୟକ୍ତିଗତ ଦୋକାନ ବୋଲି ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି। ସେପଟେ, ବାଲେଶ୍ୱର ଜିଲ୍ଲାର ଅନ୍ୟ ସବରେଜେଷ୍ଟ୍ରି ଅଫିସଗୁଡ଼ିକରେ ଏପରି ଅବସ୍ଥା ନଥିବାବେଳେ କେବଳ ବାହାନଗା ଅଫିସରେ ଏହି ଅରାଜକତା ଚାଲିଥିବାରୁ ଏହା ପଛରେ ବଡ଼ ଧରଣର ଷଡଯନ୍ତ୍ର ଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁସାରେ, ଏହି ସମସ୍ୟା ନେଇ ତହସିଲଦାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ କୌଣସି ସମାଧାନ କରାଯାଉନାହିଁ। ସେପଟେ ଅତିରିକ୍ତ ଜିଲ୍ଲାପାଳ (ରେଭେନ୍ୟୁ)ଙ୍କୁ ଜନସାଧାରଣ ବାରମ୍ବାର ଅଭିଯୋଗ କରୁଥିଲେ ମଧରେ ଅତିରିକ୍ତ ଜିଲ୍ଲାପାଳ ନିରବଦ୍ରଷ୍ଟା ସାଜିଥିବାର ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଶେଷରେ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀରେ ମଧ ଲିଖିତ ଅଭିଯୋଗ ଆଣିଥିବା ଜଣାପଡ଼ିଛି। ତଥାପି ପ୍ରଶାସନର ନିରବତା ଏବେ ସନ୍ଦେହକୁ ଆହୁରି ଘନୀଭୂତ କରିଛି। ଏବେ ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ବାହାନଗା ସବରେଜେଷ୍ଟ୍ରି ଅଫିସକୁ ପ୍ରତିଦିନ ଚାଲୁ କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି।

### ମତାମତ

ମୁଁ ଜମି ବିକି ଝିଅ ବାହାଘର କରିବି ବୋଲି ୩ ମାସ ହେଲା ଦୌଡୁଥିଲେ ବି ସ୍ଲଟ ପାଇପାରୁନାହିଁ, ଫଳରେ ମୁଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛି। ସରକାର ଲୋକଙ୍କୁ ସୁବିଧା ଯୋଗାଉଥିବା କହୁଛନ୍ତି, ହେଲେ ବାହାନଗା ସବରେଜେଷ୍ଟ୍ରି ଅଫିସରେ ଆମେ ସୁବିଧା ପାଉନୁ, ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ।

**ରମେଶ ଦାସ, ଅଞ୍ଚଳବାସୀ**

ଲୋକଙ୍କ ସମସ୍ୟାକୁ ଉପଲବ୍ଧି କରି ଏ ବାବଦରେ ଜିଲ୍ଲାପାଳ ଏବଂ ଏଡ଼ିଏମଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରାଯିବା ପରେ ଲୋକଙ୍କ ଜମି କିଣାବିକା ଜନିତ ସ୍ଲଟ ବୁକିଂ ସମସ୍ୟା ଦୂର ହେବ।

**ଅମ୍ବିକା ଭୂୟାଁ, ସବ୍‌ରେଜିଷ୍ଟ୍ରାର ତଥା ତହସିଲଦାର, ବାହାନଗା**

ବାହାନଗା ସବରେଜେଷ୍ଟ୍ରି କାର୍ଯ୍ୟାଳୟରେ ଜନସାଧାରଣ ଅସୁବିଧା ଭୋଗ କରିବା ନେଇ ମୁଁ ଅଭିଯୋଗ ପାଇଛି। ଏ ଦିଗରେ ଏ.ଡ଼ି.ଏମଙ୍କ ସହ ଆଲୋଚନା କରି ଲୋକଙ୍କୁ କିଭଳି ଭାବେ ସୁବିଧା ସୁଯୋଗ ମିଳିପାରିବ ଏବଂ ଲୋକେ କିଭଳି ନିର୍ବିଘ୍ନରେ ଜମି କିଣାବିକା କରିପାରିବେ ସେ ଦିଗରେ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।

**ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲାପାଳ, ବାଲେଶ୍ୱର**

## କାର ଧକ୍କାରେ ଯୁବକ ଗୁରୁତର

ସୋର, ୮।୫ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ଷ୍ଟାର ହୋଟେଲ ନିକଟରେ ଆଜି ମଧାହ୍ନରେ ଏକ କାର ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆଜି ମଧାହ୍ନରେ ଏକ କାରରେ ହାଓଡା ଅଞ୍ଚଳର ଗୋଟେ ପରିବାରର ଚାରି ଜଣ ସଦସ୍ୟ ପୁରୀ ଅଭିମୁଖେ ଯାଉଥିବା ବେଳେ ଷ୍ଟାର ହୋଟେଲ ସମ୍ମୁଖରେ ରାସ୍ତା କଡରେ ଛିଡା ହୋଇ ମୋବାଇଲରେ କଥା ହେଉଥିବା ବଡ଼ପୋଖରୀ ଅଞ୍ଚଳର ଶ୍ରବଣ ମହାକୁଡ଼ଙ୍କୁ ଧକ୍କା ଦେଇଥିଲା। ଫଳରେ ଶ୍ରବଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରି ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ରୋଲରକୁ ପିଟିଲା କାର, ୭ ଗୁରୁତର

ସୋର, ୮।୫ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ଷ୍ଟାର ହୋଟେଲ ନିକଟରେ ରାସ୍ତା କଡରେ ଠିଆ ହୋଇଥିବା ରୋଲରକୁ ଏକ କାର ଧକ୍କା ଦେବା ଫଳରେ ଚାଳକ ସମେତ ସାତ ଜଣ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପଶ୍ଚିମବଙ୍ଗ ଏଗ୍ରାରୁ ଏକ କାର ଯୋଗେ ଭଦ୍ରକ ଜିଲ୍ଲା ଧାମନଗରକୁ ଠାକୁର ଦର୍ଶନ ପାଇଁ ଗୋଟିଏ ପରିବାରର ୬ ଜଣ ଯାଉଥିବା ବେଳେ ତଳନଗର ଷ୍ଟାର ହୋଟେଲ ନିକଟରେ ରାସ୍ତା ଉପରେ ଛିଡା ହୋଇଥିବା ଏକ ରୋଲରକୁ ଭାରସାମ୍ୟ କରାଇ ଧକ୍କା ଦେଇଥିଲା। ଫଳରେ ଚାଳକ ସମେତ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଏଥିରେ କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସାପରେ ଡାକ୍ତର ସମସ୍ତଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଓ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରାଫିକ ଜାମ ହଟାଇବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାରେ ଗୁରୁତର ଆହତ ଆରୀସ୍ୱା ଖାନ, (୬), ସାହିଲ ଖାନ (୩୭), ଏମଡି ସାୟାନ ଖାନ(୩), ଏମଡି ମେହୁଲ ଖାନ (୫୬) ହୋଇଥିବା ବେଳେ ଅନ୍ୟମାନଙ୍କ ପରିଚୟ ଜଣାପଡ଼ିନାହିଁ।

## ଜୁନ୍ ପ୍ରଥମ ସପ୍ତାହରେ ଜିଲ୍ଲା ଫୁଟବଲ ଲିଗ୍

ବାଲେଶ୍ୱର, ୮।୫ (ସମିସ): ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପରମିଟ ପଡ଼ିଆ, ନୂଆ ଷ୍ଟାଡିୟମ ଠାରେ ଜିଲ୍ଲା ଫୁଟବଲ ଲିଗ୍ ଜୁନ ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ଆଗ୍ରହୀ କ୍ଲବ, କଲେଜ ଏବଂ ଅନୁଷ୍ଠାନର ଖେଳାଳୀମାନେ ଆସନ୍ତା ୨୦ ତାରିଖ ସୁଧା ଜିଲ୍ଲା କ୍ରୀଡାସଂଘ ଅଫିସରୁ ଫର୍ମ ନେଇ ପଞ୍ଜିକରଣ କରାଇବେ। ଏହି ଖେଳ ଲିଗ୍ ପର୍ଯ୍ୟାୟରେ ହେବ। ଖେଳାଳୀମାନେ ସାଙ୍ଗରେ ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ, ପାସପୋର୍ଟ ଫଟୋ ସାଙ୍ଗରେ ନେଇ ଆସିବେ। ସବିଶେଷ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ ଫୁଟବଲ ନିମାଇଁ ଚରଣ ରାଉତରାୟ (୯୪୩୭୨୯୬୦୦୪) ଙ୍କ ସହିତ ଯୋଗାଯଗ କରିବାକୁ କୁହାଯାଇଛି। ଏହି ପ୍ରତିଯୋଗିତାରୁ ଯୋଗ୍ୟ ବିବେଚିତ ହୋଇଥିବା ଖେଳାଳୀମାନେ ରଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ।

## ଧର୍ମପରାୟଣାଙ୍କ ପରଲୋକ

ଚନ୍ଦନେଶ୍ୱର, ୮।୫(ସମିସ): ଭୋଗରାଇର ସାହାବାଜିପୁର ପଞ୍ଚାୟତ ଅଧୀନ ଭଟ୍ଟପୁର ଗାଁର ଜାନକୀ କର(୮୫)ଙ୍କ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ କାରଣରୁ ସେ ବେଶ କିଛିଦିନ ହେବ ଅସୁସ୍ଥ ଥିଲେ। ହଠାତ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପଶ୍ଚିମବଙ୍ଗର ଦୀଘା ହସପିଟାଲକୁ ନିଆ ଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଥିଲା। ଗାଁରେ ମର ଶରୀର ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବନ୍ଧୁ ବାନ୍ଧବ ଏବଂ ଆତ୍ମୀୟସ୍ୱଜନ ତାଙ୍କର ଅନ୍ତିମ ଦର୍ଶନ କରିବା ସହିତ ମର ଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ଶବାଧାରକୁ ଏକ ପଟୁଆରରେ ଗାଁ ପରିକ୍ରମା ପରେ ଉଦୟପୁର ବେଳାଭୂମିକୁ ନିଆ ଯାଇଥିଲା। ପୁଅ ସୁଧୀର, ସୁଧାଂଶୁ ମୁଖାଗ୍ନି ଦେଇଥିଲେ।

* ବିଦ୍ୟୁତ ଚୋରି ଏବଂ ଏନଫୋର୍ସମେଣ୍ଟ ମାମଲାର ହେବ ସହଜ ସମାଧାନ

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଆଜି

ବାଲେଶ୍ୱର, ୮।୫ (ସମିସ): ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ଅନଧିକୃତ ବିଦ୍ୟୁତ ବ୍ୟବହାର ଏବଂ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆଜି ନିଜର ସେବାଯୋଗାଣ ଅଞ୍ଚଳରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଏବଂ ସମାଧାନ ଶିବିର ଆୟୋଜନ କରାଯାଉଛି। ଟିପିଏନଓଡିଏଲ୍ ର କ୍ଷେତ୍ରାଧିକାର ଅନ୍ତର୍ଗତ ବାଲେଶ୍ୱର, କେନ୍ଦୁଝର, ଯାଜପୁର, ଭଦ୍ରକ ଏବଂ ବାରିପଦା ସର୍କଲର ବିଭିନ୍ନ ଡିଭିଜନ ଓ ସବ-ଡିଭିଜନ କାର୍ଯ୍ୟାଳୟ ସମେତ ନିର୍ଦ୍ଧାରିତ କୋର୍ଟ ପରିସରରେ ଏହି ଲୋକ ଅଦାଲତ ପରିଚାଳିତ ହେଉଛି। ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ର ନିୟମ ଅନୁଯାୟୀ ଆୟୋଜିତ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉପଭୋକ୍ତାମାନଙ୍କୁ ବିଚାରଧୀନ ଏନଫୋର୍ସମେଣ୍ଟ ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସହଜ, ସ୍ୱଚ୍ଛ ଏବଂ ସମୟଭିତ୍ତିକ ପ୍ଲାଟଫର୍ମ ପ୍ରଦାନ କରିବା। ଏହି ସମାଧାନ ଶିବିର ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି, ଯେଉଁଠାରେ ଉପଭୋକ୍ତାମାନେ ବିବାଦର ସମାଧାନ ପାଇଁ ସହାୟତା ପାଇପାରିବେ। ଉପଭୋକ୍ତାମାନଙ୍କୁ ଦସ୍ତାବିଜ, ଯୋଗ୍ୟତା ମାପଦଣ୍ଡ ଏବଂ ସମାଧାନ ପ୍ରକ୍ରିୟାରେ ସାହାଯ୍ୟ କରିବା ପାଇଁ ସମସ୍ତ ନିର୍ଦ୍ଧାରିତ ସ୍ଥାନରେ ଏନଫୋର୍ସମେଣ୍ଟ ଅଧିକାରୀ, ଆଇନଜୀବୀ ଏବଂ ସହାୟକ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି। ଆଇନଗତ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଜାତୀୟ ଲୋକ ଅଦାଲତ ବହୁ ଦିନରୁ ଅଟକି ରହିଥିବା ବିଦ୍ୟୁତ ସମ୍ବନ୍ଧୀୟ ବିବାଦଗୁଡ଼ିକୁ କମ୍ କରିବାରେ ସହାୟକ ହେବ। ଏହା ଉପଭୋକ୍ତାମାନଙ୍କ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବା ସହିତ ଏକ ସ୍ୱଚ୍ଛ ବିଦ୍ୟୁତ ପରିଚାଳନା ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ଭାଗିଦାରୀକୁ ଉତ୍ସାହିତ କରିବ। ଟିପିଏନଓଡିଏଲ୍ ପକ୍ଷରୁ ବିଚାରଧୀନ ଏନଫୋର୍ସମେଣ୍ଟ ମାମଲା ଥିବା ଉପଭୋକ୍ତାମାନଙ୍କୁ ଏହି ସୁଯୋଗର ଉପଯୋଗ କରି ଆପୋଷ ବୁଝାମଣା ଜରିଆରେ ବିବାଦର ସମାଧାନ କରି ଭବିଷ୍ୟତର ଆଇନଗତ କିମ୍ବା ଆର୍ଥିକ ଜଟିଳତାରୁ ବଞ୍ଚିବା ପାଇଁ ଅନୁରୋଧ କରାଯାଇଛି। ଲୋକ ଅଦାଲତ ସମ୍ବନ୍ଧୀୟ ସୂଚନା ସମ୍ପୃକ୍ତ ଡିଭିଜନ ଏବଂ ସବ-ଡିଭିଜନ କାର୍ଯ୍ୟାଳୟରେ ଉପଲବ୍ଧ ରହିଛି, ଏବଂ ଉପଭୋକ୍ତାମାନେ କୌଣସି ବି ସହାୟତା ବା ପରାମର୍ଶ ପାଇଁ ସେମାନଙ୍କ ନିକଟସ୍ଥ ଟିପିଏନଓଡିଏଲ୍ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ।

## ବାଲେଶ୍ୱରରେ ବ୍ରାଉନ୍‌ସୁଗର କାରବାରର ରାକେଟ୍‌କୁ ନେଇ ଉଦ୍‌ବେଗ



ବାଲେଶ୍ୱର, ୮।୫ (ସମିସ): ମିଳିତ ନିଶା ନିବାରଣ ଅଭିଯାନ 'ମନା'ର ମାସିକ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଚଳିତ ବର୍ଷ ଏପ୍ରିଲ୍ ୧୯ ତାରିଖରେ ହୋଇଥିବା ବାର୍ଷିକ ସମ୍ମିଳନୀର ବିବରଣୀ ପାଠ କଲାପରେ ବାଲେଶ୍ୱରରେ ବ୍ରାଉନ୍‌ସୁଗାର ଭଳି ମାରାତ୍ମକ ନିଶା କାରବାରର ରାକେଟ୍ ବିଷୟରେ ଉପସ୍ଥାପନା କରିଥିଲେ। ଉପସ୍ଥିତ ସଦସ୍ୟ ସଦସ୍ୟାମାନେ ଏହି ବିଷୟରେ ଗଭୀର ଉଦ୍‌ବେଗ ପ୍ରକଟ କରିଥିଲେ। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାରଙ୍କଠାରେ ଦାବି କରିବା ପ୍ରସ୍ତାବ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା। ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ଅର୍ଚ୍ଚନା ନନ୍ଦୀ, କଲ୍ୟାଣୀ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ସିଂହ, ତ୍ରିଦିବ ନାୟକ, ଗଙ୍ଗାଧର ପୃଷ୍ଟି, ଲକ୍ଷ୍ମଣ ଚରଣ ବିଶ୍ୱାଳ, ଶଶାଙ୍କ ଶେଖର ଦତ୍ତ, ଭାସ୍କର ଚନ୍ଦ୍ର ମିଶ୍ର, କମଳାକାନ୍ତ ଦାଶ, ରବିନାରାୟଣ ଭୋଳ, ଭୂପତି ଭୂଷଣ ଦାସ, ସଞ୍ଜୟ କୁମାର ପଣ୍ଡା (ଖ), ଅକ୍ଷୟ କୁମାର ତ୍ରିପାଠୀ, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଭାକର ସାହୁ (ଖ) ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ୟାମାନନ୍ଦିପୁରରେ ଆମ ଗାଁ ଚନ୍ଦନ ଉତ୍ସବ ଉଦ୍‌ଯାପିତ

ଚନ୍ଦନେଶ୍ୱର, ୮।୫(ସମିସ): ଭୋଗରାଇ ବ୍ଲକ ଗୋଛିଦାତେଘରୀ ପଞ୍ଚାୟତ ଅଧୀନ ଶ୍ୟାମାନନ୍ଦିପୁରରେ ଆମ ଗାଁ ଚନ୍ଦନ ଉତ୍ସବ ଉଦଯାପିତ ହୋଇ ଯାଇଛି। ଭକ୍ତ କବି ଜୟଦେବ ମଞ୍ଚରେ ଉଦଯାପନୀ ସନ୍ଧ୍ୟାର ସଭାକୁ ଆମ ଗାଁ ଚନ୍ଦନ ଉତ୍ସବ ପରିବାରର ସମ୍ପାଦକ ଅନନ୍ତ କୁମାର ପ୍ରଧାନ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଭୁବନେଶ୍ୱର ଏମ୍ସ କର୍କଟ ବିଭାଗୀୟ ମୁଖ୍ୟ ଡାକ୍ତର ସରୋଜ କୁମାର ଦାସ ମଜୁମଦାର ଯୋଗଦେଇ କହିଲେ, ଶ୍ରୀଜଗନ୍ନାଥଙ୍କ ବୃହତ ଯାତ୍ରା ଚନ୍ଦନ କେବଳ ଶ୍ରୀକ୍ଷେତ୍ରରେ ସୀମିତ ହୋଇ ରହିନି, ଏହା ସମଗ୍ର ଆର୍ଯ୍ୟାବର୍ତ୍ତକୁ ପରିବ୍ୟାପ୍ତ କରିଛି। ମୁଖ୍ୟ ବକ୍ତା ଶିକ୍ଷାବିତ ଶ୍ରୀନିବାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ଜ୍ୟୋତ୍ସ୍ନା ବିଧୌତ ରଜନୀରେ ମହାପ୍ରଭୁ ଜଳକ୍ରୀଡ଼ା ମାଧ୍ୟମରେ ମାନବୀୟ ଲୀଳା ପ୍ରଦର୍ଶନ ସହିତ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି, କବି ସୁଶାନ୍ତ କୁମାର ନାୟକ, ଓଷ୍ଟା ଦକ୍ଷିଣ ଭୋଗରାଇ ସମ୍ପାଦକ ଶାଶ୍ୱତ କୁମାର ଜେନା, ଦେବ ଶଙ୍କର ଦାଶ, ସମାଜସେବୀ ନଗେନ୍ଦ୍ର ନାଥ ଜେନା ପ୍ରମୁଖ ଯୋଗଦେଇ ଚନ୍ଦନ ଯାତ୍ରାକୁ ଦର୍ଶନ କଲେ ଲକ୍ଷ୍ମୀ ପ୍ରାପ୍ତ ହୋଇଥାନ୍ତି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଡାକ୍ତର ମଜୁମଦାର ଲୋକଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ କର୍କଟ ରୋଗ ସମ୍ପର୍କରେ ସଚେତନ କରିଥିଲେ। ରକ୍ତଦାନ ଶିବିରରୁ ୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ବେଳେ ମହିଳାଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପ୍ରଶ୍ନମଞ୍ଚ ଓ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ଗାଁର ଅବସରପ୍ରାପ୍ତ ଶିକ୍ଷକ ଜୟକୃଷ୍ଣ ପ୍ରଧାନ, ପୂର୍ବତନ ସେନା ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ଖବର କାଗଜର ଅନନ୍ୟ ପ୍ରସାରଣ ପ୍ରତିନିଧି ଲକ୍ଷ୍ମୀକାନ୍ତ ପ୍ରଧାନ, ଭୋଗରାଇ ମାଟ୍ରିକ ମହକ ବ୍ଲକ ଟପ୍ପର ନିରୁପମା ବଡ଼ାଇ, ଶୁଭଶ୍ରୀ ସାହୁ, ଗୌର ଗୋପାଳ ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ ସମ୍ପାଦକ ଜଳେନ୍ଦ୍ର ସାହୁ ଅତିଥି ପରିଚୟ, ସଭାପତି ପ୍ରଦୀପ କୁମାର ଗିରି ବିବରଣୀ ପାଠ ଓ ଶେଷରେ କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଗିରି ଧନ୍ୟବାଦ ଦେଇଥିଲେ ଶ୍ରୀକାନ୍ତ ସାହୁ, କାହ୍ନୁ ଚରଣ ପ୍ରଧାନ, ଲକ୍ଷ୍ମୀକାନ୍ତ ମହାନ୍ତି, ମଧୁସୂଦନ ସାହୁ, ଦିନେଶ ମହାନ୍ତି, ଅରୁଣ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସୁନାବେଶ ଓ ନାଗାର୍ଜ୍ଜୁନ ବେଶ ଦର୍ଶନ କରିବା ସହିତ ପାରମ୍ପରିକ ନୃତ୍ୟ, ଭଜନ, କୀର୍ତ୍ତନ ଓ ନାନା ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକ ଭରପୁର ମଜା ନେଇଥିଲେ।

## ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘରେ ମିଶ୍ରଣ ଓ କର୍ମକର୍ତ୍ତା ମନୋନୟନ




ସୋର, ୮।୫ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ଛକସ୍ଥିତ ଶ୍ରୀରାମ କଲ୍ୟାଣ ମଣ୍ଡପଠାରେ ବିଦ୍ୟୁତ୍ କର୍ମଚାରୀଙ୍କ ମିଶ୍ରଣ ପର୍ବ ଏବଂ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଉପସଭାପତି ସୁରେନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ଟିପି ଉତ୍ତର ଓଡ଼ିଶାର ସୋର ଡିଭିଜନରେ କାର୍ଯ୍ୟରତ ୫୦୦ରୁ ଅଧିକ ବିଦ୍ୟୁତ କର୍ମଚାରୀ ଶିଶିର ବିନ୍ଦୁ ଦାସଙ୍କ ନେତୃତ୍ୱ ଏବଂ ଜୋନାଲ ସେକ୍ରେଟାରୀ ହରିଶ ଚନ୍ଦ୍ର ଦାଶ ଓ ସହ ସାଧାରଣ ସମ୍ପାଦକ ଜ୍ୟୋତି କୃଷ୍ଣ ବେହେରାଙ୍କ ମାର୍ଗଦର୍ଶନରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘରେ ଯୋଗଦାନ କରିଥିଲେ। ଏହି ଯୋଗଦାନ ପରେ ବର୍ତ୍ତମାନର ସ୍ଥିତିକୁ ଆଖିଆଗରେ ରଖି ବିଦ୍ୟୁତ ବଣ୍ଟନ ବିଭାଗର ମନୋମୁଖୀ କାର୍ଯ୍ୟକ୍ରମ ଓ ଶ୍ରମିକ ଛଟେଇ ନୀତି ବିରୁଦ୍ଧରେ ଶ୍ରମିକ ସ୍ୱାର୍ଥକୁ ସୁରକ୍ଷା ଦେଇ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ସଙ୍ଗଠନ ତରଫରୁ ଆହ୍ୱାନ ଦିଆଯାଇଥିଲା। ବିଦ୍ୟୁତ ଉପଭୋକ୍ତାଙ୍କୁ ନିରବଛିନ ବିଦ୍ୟୁତ ସେବା ପ୍ରଦାନ କରିବାରେ ରାଜ୍ୟସରକାରଙ୍କ ବୃହତ ପଦକ୍ଷେପ ଗୁଡିକୁ ଅକ୍ଷୁର୍ଣ୍ଣ ରଖିବା ସମସ୍ତଙ୍କ ଦାୟିତ୍ୱ ଭାବେ ଗ୍ରହଣ କରିଥିଲେ। ସୋରରେ ବିଦ୍ୟୁତ ଶ୍ରମିକମାନଙ୍କର ମିଶ୍ରଣ ଫଳରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଙ୍ଘ ଶକ୍ତି ବୃଦ୍ଧି ହେବା ସଙ୍ଗେସଙ୍ଗେ ମହାସଂଘର ସହ ସାଧାରଣ ସମ୍ପାଦକ ପ୍ରିୟବ୍ରତ ନାୟକଙ୍କ ପ୍ରସ୍ତାବ ଓ ଯୁଗ୍ମ ସମ୍ପାଦକ ନିଗମାନନ୍ଦ ରାଉତଙ୍କ ସହମତି କ୍ରମେ ସହ ଯୁଗ୍ମ ସମ୍ପାଦକ ଭାବେ ପ୍ରଦୀପ କୁମାର ବେହେରା, ସହ ସମ୍ପାଦକ ପ୍ରଦୀପ କୁମାର ଦାସ, ବାଲେଶ୍ୱର ସର୍କଲ ସମ୍ପାଦକ ଭାବେ ଶିଶିର ବିନ୍ଦୁ ଦାସଙ୍କୁ ମନୋନୟନ କରାଯାଇଥିଲା। ଏଥିସହ ଦେବାଶିଷ ଦେବଗୋସ୍ୱାମୀଙ୍କୁ ସୋର ଡିଭିଜନ ସମ୍ପାଦକ, ମନୋଜ କୁମାର ସିଂହଙ୍କୁ ସୋର ଡିଭିଜନ ଅର୍ଗାନାଇଜର, ଭାରତ କୁମାର ନାୟକଙ୍କୁ ସହ ଡିଭିଜନ ସମ୍ପାଦକ, ମାର୍କୋଣା ସବ୍‌ଡିଭିଜନ ସେକ୍ରେଟାରୀ ଭାବେ ବ୍ରଜ କିଶୋରେ ଦଳେଇ, ସୋର ସବ୍ ଡିଭିଜନ ସେକ୍ରେଟାରୀ ଭାବେ ପୂର୍ଣଚନ୍ଦ୍ର ବିଶ୍ୱାଳ, ଖଇରା ସବ୍‌ଡିଭିଜନ ସେକ୍ରେଟାରୀ ଅନିଲ କୁମାର ମହାନ୍ତି ଓ ବିଏସଏଲ ସୋର ଡିଭିଜନ ସମ୍ପାଦକ ଭାବେ ପ୍ରହ୍ଲାଦ ଦାସଙ୍କୁ ସର୍ବ ସହମତିରେ ଚୟନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁବ ସାଥି ବିଜନ କୁମାର ସାହୁ ପରିଚାଳନା କରିଥିବାବେଳେ ମହାସଂଘର ଯୁବ ସାଥି ନିହାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।




## ନୂଆବଜାର ଛକଠାରେ ଗୋଲେଇ କରିବାକୁ ଦାବି

ଜଳେଶ୍ୱର, ୮।୫ (ସମିସ)



ଉତ୍ତର ଓଡ଼ିଶାର ସମ୍ବେଦନଶୀଳ ରାସ୍ତା ରାଜ୍ୟ ରାଜପଥ ୫୭କୁ ୪ଟିକିଆ ରାସ୍ତାରେ ପରିଣତ କରିବାଲାଗି ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ପ୍ରଚେଷ୍ଟାରେ ଏହି ରାସ୍ତାର ଜଳେଶ୍ୱର-ଦାରୁହା ପର୍ଯ୍ୟନ୍ତ ୨୪ କି.ମି. ରାସ୍ତା ପ୍ରସସ୍ତିକରଣ ଲାଗି କେନ୍ଦ୍ର ସରକାରଙ୍କ ଜାତୀୟ ସଡକ ଭିତ୍ତିଭୂମି ଫଣ୍ଡ ପକ୍ଷରୁ ୧୮୪.୯୭ କୋଟି ଟଙ୍କା ମଞ୍ଜୁର ହୋଇଛି। ଦାରୁହା- ଚନ୍ଦନେଶ୍ୱର ୧୨ କି.ମି ରାସ୍ତା ଲାଗି ୧୨.୩୦ କୋଟି ଟଙ୍କାରେ ଉନ୍ନତିକରଣ କାର୍ଯ୍ୟ ଚାଲୁଥିବାରୁ ଦ୍ୱିତୀୟ ପର୍ଯ୍ୟାୟରେ ଏହାର ପ୍ରସସ୍ତିକରଣ କରାଯିବାର ଯୋଜନା ରହିଛି। ଏହି ୨୪ କି.ମି. ରାସ୍ତାର କମର୍ଦ୍ଦାଠାରେ ୪ କି.ମି ବାଇପାସ୍ ହେବାର ଡିପିଆର୍ ପ୍ରସ୍ତୁତ ହେଉଥିବା ପିଡବ୍ଲୁଡି ଏସ୍‌ଡିଓ ବିକ୍ରମ ମୁର୍ମୁ କହିଛନ୍ତି। ସୂଚନାଯୋଗ୍ୟ, ୪ ଟିକିଆ ରାସ୍ତା ନିର୍ମାଣ ହେଲେ ଯାନବାହନ ଚଳାଚଳରେ ସମସ୍ୟା ରହିବ ନାହିଁ। ୪ ଲେନ ବିଶିଷ୍ଟ ରାସ୍ତାର ପ୍ରସ୍ତିକରଣ କାର୍ଯ୍ୟ ଆରମ୍ଭ ହେଲେ ଜଳେଶ୍ୱରର ବଡ ବଜାରଛକ ଠାରୁ ରେଜେଷ୍ଟ୍ରି ଅଫିସ୍ ପର୍ଯ୍ୟନ୍ତ ଦୁଇପାଶ୍ୱର୍ରେ ଥିବା ଜବରଦଖଲ ମୁକ୍ତ କରାଯିବ। ନୂତନ ଭାବେ ନିର୍ମାଣ କରାଯାଇଥିବା ରେଳ ଓଭରବ୍ରିଜ୍ ମଧ ୩ ଲେନ୍ ବିଶିଷ୍ଟ ନିର୍ମାଣ ହୋଇଛି। ସେହିପରି ଜାତୀୟ ରାଜପଥ ୧୬ ଠାରୁ ଦାରୁହା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ମୁକ୍ତ କରାଯିବ। ଏହା ସହିତ ରାସ୍ତାର ଉଭୟ ପାଶ୍ୱର୍ରେ ପୋତି ରହିଥିବା ନୟନଯୋରୀରେ ଡ୍ରେନ ନିର୍ମାଣ କରିବାକୁ ଦୁଇ ପାର୍ଶ୍ୱରେ ଥିବା ଗ୍ରାମବାସୀ ଦାବି କରିଛନ୍ତି। ନୂଆବଜାର ଛକଠାରେ ରୋଟାରୀ କ୍ଲବ ପକ୍ଷରୁ ନିର୍ମାଣ ହୋଇଥିବା ଟ୍ରାଫିକ୍ ପୋଷ୍ଟଟି ଏବେ ବିପଦପୂର୍ଣ୍ଣ ଭାବରେ ରହିଛି। ସେଠାରେ ଗୋଲେଇ ନ ଥିବାରୁ ଯାନବାହନ ଗୁଡିକ ବେନିୟମଭାବେ ଚଳପ୍ରଚଳ କରୁଛନ୍ତି ଓ ଦୁର୍ଘଟଣା ମଧ ହେଉଛି। ଏହି ରାସ୍ତାର ପ୍ରସସ୍ତିକରଣ କାର୍ଯ୍ୟ ସହିତ ନୂଆବଜାର ଛକରେ ଗୋଲେଇ କରାଯିବାକୁ ସ୍ଥାନୀୟ ବାସିନ୍ଦା ଲକ୍ଷ୍ମିନାରାୟଣ ଜେନା, ଅଶୋକ ଦାସ, ମନୋଜ ଜୋଷି, ମନିଷ ଠକର, ଦିନେଶ ଜେନା, ଜୟନ୍ତ ଦେ, ସୁକାନ୍ତ ଦେ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ପୌରପାଳ ପ୍ରତୀପ କୁମାର ପ୍ରଧାନଙ୍କୁ ପଚାରିବାରୁ ଥାନା, ପିଡବ୍ଲୁଡି ଓ ପୌର କାର୍ଯ୍ୟାଳୟର ସହମତିରେ ଉକ୍ତ ଟ୍ରାଫିକ୍‌ପୋଷ୍ଟ ନିର୍ମାଣ କରାଯାଇଥିଲେ ମଧ ଅଦ୍ୟାବଧି ଇଲେକ୍ଟ୍ରନିକ୍ ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ କିମ୍ବା ଟ୍ରାଫିକ୍ ପୁଲିସ୍‌ର ବ୍ୟବସ୍ଥା କରାଯାଇନାହିଁ। ନୂଆବଜାରଠାରୁ ଅଣ୍ଡରପାସ୍ ପର୍ଯ୍ୟନ୍ତ ରାସ୍ତାର ଡିଭାଇଡର ମଧରେ ସୋଲାର ଲାଇଟ୍ ଲଗାଯିବାର ଯୋଜନା ରହିଛି ବୋଲି ସେ କହିଛନ୍ତି।



# ପିଇବା ପାଣି ପାଇଁ ପଞ୍ଚାୟତ ଅଫିସ ଘେରିଲେ ମହିଳା



ବସ୍ତା ବ୍ଲକ/ରାଜଘାଟ, ୮।୫ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବରୁଣ ଗଡ଼ିଆ ପଞ୍ଚାୟତ ରେ ପିଇବା ପାଣି ସଙ୍କଟ ନେଇ ସ୍ଥାନୀୟ ମହିଳା ବାଲ୍ଟି ଗରା ଧରି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ବସ୍ତା ବ୍ଲକ ବରୁଣ ଗଡ଼ିଆ ଗ୍ରାମରେ ୭ ଦିନ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଛି। ପିଇବା ପାଣି ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ସରପଞ୍ଚ ଏବଂ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁ ନଥିବାରୁ ଶୁକ୍ରବାର ସକାଳେ ମହିଳା ମାନେ ବାଲ୍ଟି ଗରା ଧରି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ରେ ବସିଥିଲେ। ଯାହାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ଗ୍ରାମରେ ଥିବା ବସୁଧା ଯୋଜନାରେ ପାଣି ଟାଙ୍କି ଉପରେ ବରୁଣଗଡ଼ିଆ, ମାଙ୍କଡଗଡ଼ିଆ, ବଡଗଡ଼ିଆ, ମୁଣ୍ଡିମାରୀ, ମହିଁସାମାରୀ ଗ୍ରାମର ୨ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି। ସପ୍ତାହେ ରୁ ଅଧିକ ଦିନ ଧରି ଟାଙ୍କି ଅଚଳ ହୋଇ ପଡ଼ିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଖବର ପାଇ ବସ୍ତା ପାନୀୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଟାଙ୍କି ଜରିଆରେ ପାଣି ପହଞ୍ଚାଇ ଥିବା ବେଳେ ଏନେଇ ବିଭାଗୀୟ ଯନ୍ତ୍ରୀ ବିନୋଦ କୁମାର ଦାସ ଙ୍କୁ ପଚାରିବାରୁ କିଛି ପାଇପ ନଷ୍ଟ ହୋଇ ଥିବାରୁ ମରାମତି କାର୍ଯ୍ୟ ପାଇଁ ପାଣି ବନ୍ଦ ଥିଲା। ପାଣି ଯୋଗାଣ ସ୍ୱାଭାବିକ ହୋଇଥିବା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଜନ ଆକ୍ରୋଶ ମହିଳା ପଦଯାତ୍ରା

ଜଳେଶ୍ୱର, ୮।୫ (ସମିସ): ଉତ୍ତର ବାଲେଶ୍ୱର ଭାରତୀୟ ଜନତା ପାର୍ଟି ସପ୍ତେଶ୍ୱର୍ ମଣ୍ଡଳ ପକ୍ଷରୁ ଆରୁହା ପଞ୍ଚାୟତ ଶାଳୀକୋଠା କାଳୀ ମନ୍ଦିର ପଡ଼ିଆ ଠାରୁ ଛମୌଜ ରାଣୀ ପଡ଼ିଆ ପର୍ଯ୍ୟନ୍ତ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦିକା ସୁମତି ଦେ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଇନ୍ଦୁମତୀ ଗିରୀ, ମଣ୍ଡଳ ସଭାନେତ୍ରୀ ରଶ୍ମିରେଖା ଜେନା, ସାରେଶ୍ୱରି ମାରାଣ୍ଡି, ଜିଲ୍ଲା ସମ୍ପାଦକ କାଳୀଚରଣ ଦାସ, ମଣ୍ଡଳ ସଭାପତି ସଞ୍ଜୀବ ସେନାପତି, ଆରୁହା ଗ୍ରାମ ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ, ସମିତି ସଭ୍ୟା ମଧୁମିତା ମହାନ୍ତି, ପ୍ରାକ୍ତନ ସମିତି ସଭ୍ୟ ରାଜେନ୍ଦ୍ର ପାତ୍ର, ଯୁବନେତା ଶ୍ରୀକଣ୍ଠ ମାହାନ୍ତି, ସାବିତ୍ରୀ ପାତ୍ର, ବୀଣାପାଣି ଦାସ ପ୍ରମୁଖ ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଯୋଗ ଦେଇଥିଲେ।

# ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜଳେଶ୍ୱର ବ୍ଲକ, ୮।୫ (ସମିସ) : ସରାକରଙ୍କ ନୂଆ ଶିକ୍ଷା ନୀତି ଆଧାରରେ ଦୀନକୃଷ୍ଣ ମହାବିଦ୍ୟାଳୟ ଜଳେଶ୍ୱରରେ ବିଭିନ୍ନ ବିଭାଗର ପିଲାମାନଙ୍କର କମୁନିଟି ଓରିଏଣ୍ଟସନ ପ୍ରୋଗ୍ରାମ ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜ ଦ୍ୱାରା ପରିଚାଳିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ନନ୍ଦିକା ଜଳେଶ୍ୱର ପରିସରରେ ଆରମ୍ଭ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ, କୋଷାଧ୍ୟକ୍ଷ ସମରେଶ ଦିଣ୍ଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଇଜାକ ପରିଡ଼ା, ଶିକ୍ଷୟିତ୍ରୀ ଧରିତ୍ରୀ ରାଣୀ ଦେ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ରାଉଳ, ଅଧ୍ୟାପିକା ଇନ୍ଦିରା ପ୍ରିୟଦର୍ଶିନୀ ଗିରି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ବନ୍ଧରେ ବିବରଣୀ ରଖିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଆଶିଷ ମହାପାତ୍ର, ନିରୁପମା ମହାନ୍ତି, ପୂଜାରାଣୀ ଦେ, ଶୁଚିସ୍ମିତା ସେନାପତି, ଲୋପାମୁଦ୍ରା ପରିଡ଼ା, ମିନା ବେହେରା ଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯାଦୁନାଥ ନାୟକ, ଗୌରୀଶଙ୍କର ପ୍ରଧାନ, ନନ୍ଦନ କୁମାର ଦେ ଓ ଅନ୍ୟାନ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିବା ବେଳେ ଅନୁଷ୍ଠାନ ର ହିସାବ ରକ୍ଷକ ଅଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳେଶ୍ୱର କଂଗ୍ରେସ ତରଫରୁ ମଶାଲ ଶୋଭାଯାତ୍ରା




ଜଳେଶ୍ୱର, ୮।୫ (ସମିସ): ଜଳେଶ୍ୱର ମହିଳା କଂଗ୍ରେସ ତରଫରୁ ୩୩% ମହିଳା ସଂରକ୍ଷଣ ଆଇନ ଲାଗୁ କରିବା ଦାବିରେ ଏକ ମଶାଲ ଶୋଭାଯାତ୍ରା ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ମହିଳା ମୋର୍ଚ୍ଚା କଂଗ୍ରେସ ସଭାପତି ଉର୍ମିଳା ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମଶାଲ ଶୋଭାଯାତ୍ରାରେ ମହିଳାମାନେ ଜଳେଶ୍ୱର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରୁ ବାହାରି ଜଳେଶ୍ୱର ଷ୍ଟେସନ ପର୍ଯ୍ୟନ୍ତ ଯାଇଥିଲା। କେନ୍ଦ୍ର ସରକାର ବିରୋଧି ସ୍ଲୋଗାନ ସହିତ ଏହି ଶୋଭାଯାତ୍ରା ଷ୍ଟେସନ ଛକ ପର୍ଯ୍ୟନ୍ତ ଯାଇଥିଲା ଓ ଏକ ପଥପ୍ରାନ୍ତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭାରେ ଜିଲ୍ଲା କଂଗ୍ରେସ ମହିଳା ସଭାପତି ଉର୍ମିଳା ମାଝୀ, କଂଗ୍ରେସର ରାଜ୍ୟସ୍ତରୀୟ ନେତା ସୁଦର୍ଶନ ଦାସ, ଜଳେଶ୍ୱର ବ୍ଲକ କଂଗ୍ରେସ କମିଟି ସଭାପତି ହେମନ୍ତ ଗିରି, ଟାଉନ କଂଗ୍ରେସ ସଭାପତି ଜଗଦୀଶ ନନ୍ଦୀ, ଜଳେଶ୍ୱର କଂଗ୍ରେସ କମିଟି ସଂଯୋଜକ ମଧୁସୂଦନ ଦାସ, ଜିଲ୍ଲା ସଏମ୍ପାଦକ ପଦ୍ମଲୋଚନ ବେହେରା, ସୌଭିକ ଜେନା, ଚିତରଞ୍ଜନ ସାହୁ, ଗତିକୃଷ୍ଣ ଦଳାଇ, ଦୁର୍ଗାଚରଣ ଆଶ, ଜଳେଶ୍ୱର ମହିଳା ମୋର୍ଚ୍ଚା ସମ୍ପାଦିକା ମାମନୀ ଜେନା, ରାଧାରାଣୀ ପାତ୍ର, ସୁମିତ୍ରା ପାତ୍ର, ସୁଜାତା ଜେନା, ବାସନ୍ତୀ ଘଡାଇ, ନନ୍ଦିନୀ ମୁର୍ମୁ, ଛବି ମଲ୍ଲିକ, କାଞ୍ଚନ ଜେନା ପ୍ରମୁଖଙ୍କ ସହିତ ବହୁ ମହିଳା କର୍ମୀ ଯୋଗଦେଇଥିଲେ।

## ପୂର୍ବତଟ ରେଳବାଇର ଚଢ଼ଉ

# ୬ ଦଲାଲ ଗିରଫ, ୪୦ ହଜାରର ଟିକଟ ଜବତ

ବାଲେଶ୍ୱର, ୮।୫ (ସମିସ)

ମାତିଛନ୍ତି ଟିକଟ ଦଲାଲ। ସାଧାରଣ ଲୋକଙ୍କଠୁ ଅଧିକ ଟଙ୍କା ନେଇ ଟିକଟ ବିକ୍ରି କରୁଛନ୍ତି। ଟିକଟ କାଉଣ୍ଟରରେ ଦଲାଲ ମାନଙ୍କ ପାଇଁ କୌଣସି ଦିନ ସାଧାରଣ ଲୋକଙ୍କୁ ତତ୍କାଳ ଟିକଟ ମିଳେ ନାହିଁ। ସେହି ଟିକଟକୁ ଦଲାଲ ଅଧିକ ଦାମରେ ବିକ୍ରି କରୁଥିବା ଅଭିଯୋଗ ମଧ୍ୟ ଆସିଛି। ଏଥିପ୍ରତି ସରକାର ସଜାଗ ହେବାକୁ ଦାବି ମଧ୍ୟ ହୋଇଛି। ତେବେ ଟିକଟ୍ ଦଲାଲି ବିରୋଧରେ ପୂର୍ବତଟ ରେଳବାଇ ଖଡଗପୁର ଡିଭିଜନ ପକ୍ଷରୁ ଏପ୍ରିଲ ମାସ ଚଢ଼ାଉରେ ବାଲେଶ୍ୱର ଜିଲ୍ଲା ସମେତ ୬ ସ୍ଥାନରୁ ୬ ଜଣ ଟିକଟ ଦଲାଲକୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ଠାରୁ ୪୦ ହଜାରୁ ଅଧିକ ଟଙ୍କା ମୂଲ୍ୟର ତତ୍କାଳ ଓ ସଂରକ୍ଷିତ ଟିକେଟ୍ ସହ ନଗଦ ଟଙ୍କା ଓ ମୋବାଇଲ ଜବତ କରାଯାଇଛି। ରେଳବାଇ ସୂତ୍ର ଅନୁଯାୟୀ, ବାଲେଶ୍ୱର ରେଳ ଷ୍ଟେସନ ନିକଟ ସୁଭଦ୍ରା ରେଷ୍ଟ ହାଉସ ନିକଟରୁ ବସ୍ତାର ଚନ୍ଦନ କୁମାର ପାତି, ରୁପସା ପିଆର୍‌ଏସ କାଉଣ୍ଟରୁ ବିପ୍ଳବ ବେହେରା, ସୋରୋ ଷ୍ଟେସନରୁ ନାବାଳକ ଓମପ୍ରକାଶ ନାୟକ ଓ ସାହଦେବଖୁଣ୍ଟା ବସ୍ ଷ୍ଟାଣ୍ଡରୁ ବାଞ୍ଛାନିଧି ସାହୁଙ୍କୁ ଗିରଫ କରାଯାଇଛି। ସେହିପରି ପଶ୍ଚିମବଙ୍ଗର କାଳାଇକୁଣ୍ଡାରୁ ଉଦୟ କୁମାର ଶର୍ମା ଓ ଦୁର୍ଗାଚକ୍ ଟାଉନରୁ ସୁଜୟ ପାତ୍ରଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ଠାରୁ ମୋଟ ୪୦, ୭୪୦ ଟଙ୍କା ମୂଲ୍ୟର ଟିକଟ୍, ୩ଟି ମୋବାଇଲ ଓ ଏକ ସ୍କୁଟି ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ରେଳ ଆଇନ ଅନୁସାରେ ମାମଲା ରୁଜୁ କରି କୋର୍ଟରେ ହାଜର କରାଯାଇଛି। ବାଲେଶ୍ୱର, ରୁପସା, ସୋରୋ, ସହଦେବଖୁଣ୍ଟା ସମେତ ୬ ସ୍ଥାନରୁ ୬ ଜଣ ରେଳଷ୍ଟେସନ ଟିକଟ ଦଲାଲଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ଠାରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ତତ୍କାଳ ଓ ସଂରକ୍ଷିତ ଟିକେଟ୍ ସହ ନଗଦ ଟଙ୍କା ଓ ମୋବାଇଲ ଫୋନ୍ ଜବତ କରାଯାଇଛି। ଏପ୍ରିଲ ମାସ ୨ ତାରିଖରେ ସୁଭଦ୍ରା ରେଷ୍ଟ ହାଉସ ନିକଟରେ ଚଢ଼ାଉ କରି ବସ୍ତା ଥାନା ଅଞ୍ଚଳର ଚନ୍ଦନ କୁମାର ପତିଙ୍କୁ ଗିରଫ କରାଯାଇଛି। ତାଙ୍କ ଠାରୁ ୫, ୧୭୦ ଟଙ୍କା ମୂଲ୍ୟର ତତ୍କାଳ ଟିକେଟ୍, ମୋବାଇଲ ଓ ୫, ୪୩୦ ଟଙ୍କା ନଗଦ ଜବତ ହୋଇଛି। ତାଙ୍କ ନାମରେ ରେଳୱେ ଆଇନ ଧାରା ୧୪୩ ରେ ମାମଲା ରୁଜୁ ହୋଇଛି।

ସେହିପରି ୧୭ ତାରିଖରେ ପିଆରଏସ କାଉଣ୍ଟରେ ଚଢ଼ଉ କରି ରୁପସାର ବିପ୍ଳବ ବେହେରାଙ୍କୁ ଗିରଫ କରାଯାଇଛି। ତାଙ୍କ ଠାରୁ ୧୦ ହଜାର ଟଙ୍କା ମୂଲ୍ୟର ଏସି ତତ୍କାଳ ଟିକେଟ୍ ଓ ୨ ହଜାର ଟଙ୍କା ନଗଦ ଜବତ ହୋଇଛି। ୮ ତାରିଖ ସୋରୋ ରେଳ ଷ୍ଟେସନରେ ଚଢ଼ାଉ କରି ନାବାଳକ ଓମପ୍ରକାଶ ନାୟକଙ୍କୁ ଅଟକ ରଖାଯାଇଛି। ତାଙ୍କ ଠାରୁ ୪୭ ହଜାର ଟଙ୍କା ମୂଲ୍ୟର ଏସି ତତ୍କାଳ ଟିକେଟ୍, ମୋବାଇଲ ଓ ୪ ହଜାର ୬୬୦ ଟଙ୍କା ନଗଦ ଜବତ ହୋଇଛି। ୬ ତାରିଖ ଦିନ ସହଦେବଖୁଣ୍ଟା ବସ୍ ଷ୍ଟାଣ୍ଡ ନିକଟରେ ଚଢ଼ାଉ କରି ବାଲେଶ୍ୱର ବାଞ୍ଛାନିଧି ସାହୁଙ୍କୁ ଗିରଫ କରାଯାଇଛି। ତାଙ୍କ ଠାରୁ ୨୩ ହଜାର ୫୨୦ ଟଙ୍କା ମୂଲ୍ୟର ଟିକେଟ୍, ୧୭ ହଜାର ୩୦୦ ଟଙ୍କା ନଗଦ ଓ ଏକ ସୁଜୁକି ସ୍କୁଟି ଜବତ କରାଯାଇଛି। ଉକ୍ତ ମାସ ୨୮ ତାରିଖରେ ଖଡଗପୁର ଡିଭିଜନ ଅଧୀନ କାଳାଇକୁଣ୍ଡା ଷ୍ଟେସନରେ ଉଦୟ କୁମାର ଶର୍ମା ଓରଫ ପିୟୁଷ ଶର୍ମାଙ୍କୁ ଗିରଫ କରାଯାଇଛି। ତାଙ୍କ ଠାରୁ ୧୦ ହଜାର ୫୦ ଟଙ୍କା ମୂଲ୍ୟର ଟିକେଟ୍ ଓ ୬, ୫୧୦ ଟଙ୍କା ନଗଦ ଜବତ ହୋଇଛି। ୮ ତାରିଖରେ ଦୁର୍ଗାଚକ୍ ଷ୍ଟେସନରେ ସୁଜୟ ପାତ୍ରଙ୍କୁ ଗିରଫ କରାଯାଇଛି। ତାଙ୍କ ଠାରୁ ୩, ୦୧୦ ଟଙ୍କା ମୂଲ୍ୟର ଟିକେଟ୍ ଓ ୪୫୦ ଟଙ୍କା ନଗଦ ଜବତ ହୋଇଛି। ରେଳବାଇ ପକ୍ଷରୁ କୁହାଯାଇଛି ଯେ, ଦଲାଲି ବିରୋଧରେ ଏଭଳି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ।

# ତାଳପତ୍ର ଖୋଦିତ ପୋଥି ସଂରକ୍ଷଣ: 'ପୋଥିଦାନ ମହାପୁଣ୍ୟ' କାର୍ଯ୍ୟକ୍ରମ



ବାଲେଶ୍ୱର, ୮।୫(ସମିସ): ତାଳପତ୍ର ଖୋଦିତ ପୋଥି ସଂରକ୍ଷଣ ଓ ଓଡ଼ିଆ ଐତିହ୍ୟର ପୁନରୁଦ୍ଧାର ନିମନ୍ତେ ସଚେତନତା ସୃଷ୍ଟି ପାଇଁ 'ପୋଥିଦାନ ମହାପୁଣ୍ୟ' କାର୍ଯ୍ୟକ୍ରମ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ଏହି ଦୁର୍ଲଭ ପୋଥିଗୁଡ଼ିକର ସଂରକ୍ଷଣ ଓ ଡିଜିଟାଲ ଆର୍କାଇଭ ପ୍ରସ୍ତୁତି ପାଇଁ ପଦକ୍ଷେପ ନେବ'। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନ ସଭାପତି ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ସମ୍ପାଦକ ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ କହିଥିଲେ, ଗ୍ରାମାଞ୍ଚଳରେ ଅବହେଳିତ ଅବସ୍ଥାରେ ରହିଥିବା ଅନେକ ତାଳପତ୍ର ପୋଥିକୁ ଖୋଜି ସଂଗ୍ରହ କରାଯାଉଛି। ଏହାକୁ ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିବା ଏକ ସାମାଜିକ ଦାୟିତ୍ୱ'। କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଏହି ପୋଥିଦାନ କାର୍ଯ୍ୟକ୍ରମ ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷଣାକୁ ନୂତନ ଦିଗ ଦେବ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନ ସଦସ୍ୟମାନଙ୍କ ଦ୍ୱାରା ରଚିତ ଓ ଅଭିନୀତ ନାଟକ 'ପୋଥିଦାନ ମହାପୁଣ୍ୟ' ମଞ୍ଚସ୍ଥ ହୋଇଥିଲା। ନାଟକଟି ମାଧ୍ୟମରେ ପୋଥିର ମୂଲ୍ୟ, ସଂରକ୍ଷଣର ଆବଶ୍ୟକତା ଓ ସାମାଜିକ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନ ଦ୍ୱାରା ସଂଗୃହୀତ ତାଳପତ୍ର ପୋଥିଗୁଡ଼ିକ ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା। ଦୁଇଟି ପର୍ଯ୍ୟାୟରେ ମୋଟ ୬୧ଟି ଓ ୮୫ଟି ତାଳପତ୍ର ଖୋଦିତ ପୋଥିକୁ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନ ଏବଂ ସ୍ରଷ୍ଟା ନାଟ୍ୟାଳୟ, ମାକଲପୁର, ମୋତିଗଞ୍ଜର ସଦସ୍ୟମାନେ ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର କରିଥିଲେ। ସୂଚନାମତେ, ଏହି ପୋଥିଗୁଡ଼ିକ ବାଣିଦା ଗ୍ରାମର ନରେନ୍ଦ୍ରନାଥ ମହାପାତ୍ର, ବିଷ୍ଣୁପୁର ଗ୍ରାମର ଭୋଳାନାଥ ତ୍ରିପାଠୀ ତଥା ଆଖପାଖ ଅଞ୍ଚଳରୁ ସଂଗୃହୀତ ହୋଇଛି। କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଞ୍ଚାଳନା କରିଥିଲେ।

# ନାବାଳକ ନାବାଳିକାଙ୍କ ପାଇଁ ଆଇନ ସଚେତନତା ଶିବିର

ବସ୍ତା ବ୍ଲକ, ୮।୫ (ସମିସ): ଯୁଗ ପରିବର୍ତ୍ତନ ସହିତ ଡିଜିଟାଲ ବ୍ୟବହାର ପ୍ରତି କମ ବୟସର ପିଲାଙ୍କ ଆଗ୍ରହ ବୃଦ୍ଧି ପାଉଛି। ବିଶେଷ କରି ମୋବାଇଲ ପିଲାଙ୍କୁ ଅଧିକ ଆକର୍ଷିତ କରୁଛି। ଏହି ମୋବାଇଲରୁ ଏବେ ନାନା ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ନାବାଳକ




ନାବାଳିକା ମାନେ ଏହି ମୋବାଇଲ ଜରିଆରେ ନିଜର ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଉଛନ୍ତି। ଅନେକ ଛୋଟ ପିଲା ମାନସିକ ଭାରସାମ୍ୟ ହରାଇ ଭୁଲ୍ ନିଷ୍ପତ୍ତି ନେବାକୁ ମଧ୍ୟ ପଛାଉ ନାହାନ୍ତି। ଏହି ସବୁ ଚାପରୁ ମୁକ୍ତି ପାଇଁ କିଶୋରୀ କିଶୋରଙ୍କ ଉଦ୍ଦେଶ୍ୟ ରେ ଏକ ସଚେତନତା କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକର ସମସ୍ତ ପୁଲିସ ଷ୍ଟେସନ୍‌ରେ ଅନୁଷ୍ଠିତ ହୋଇଥିବା ବେଳେ ବସ୍ତା ଥାନା ମହିଳା ଓ ଶିଶୁ ହେଲ୍ପ ଡେସ୍କ ଗୃହରେ ଅନୁଷ୍ଠିତ ହୋଇଛି। ବସ୍ତା ସିଡିପିଓ ଥାନାର ସିଡବ୍ଲୁପି ଓ ବିଭାଗ ଆନୁକୂଲ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅପରାହ୍ନ ରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବ୍ଲକ ମହିଳା ଶିଶୁ ବିଭାଗରୁ ସୁପରଭାଇଜର ଲକ୍ଷ୍ମୀ ସାହୁ ଓ ଶିଶୁ ସୁରକ୍ଷା ପୁଲିସ ଅଧିକାରୀ ଉତ୍ତମ ସିଂ ଯୋଗ ଦେଇ ଥିଲେ। ପ୍ରଥମ ପର୍ଯ୍ୟାୟରେ ୫ଟି ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ମାନେ ୩୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ନେଇ ଆସିଥିବା ବେଳେ ପୁଲିସ ଅଧିକାରୀ ଥାନା ରେ କିପରି ଅପରାଧ କଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଏ ତାହା ଉପରେ ମତବ୍ୟକ୍ତ କରିଥିଲେ। ଥାନାକୁ ଭୟ ନକରି କେହି ଠକାମି, ଧମକ, ର ଶିକାର ହୁଏ ଭୟ ନକରି ଥାନା ରେ ଆସି ଅଭିଯୋଗ କରିପାରିବେ ବୋଲି ଆଇଆଇସି ରଞ୍ଜିତ ସାହୁ ପିଲାଙ୍କୁ କହିଥିଲେ। ଆଗାମୀ ଦିନରେ ଏହିଭଳି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଆଇଆଇସି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ତୁମ୍ବାପଦୀ ଗାଁ




## ଗ୍ରାମସଭାରେ ଅନୁମୋଦନ ହେଲା ପ୍ରକଳ୍ପ

ଖଇରା, ୮।୫(ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ରଟିଣା ଗ୍ରାମ ପଞ୍ଚାୟତ ଅଧୀନ ତୁମ୍ବାପଦୀ ଗାଁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହେବା ପରେ ଶୁକ୍ରବାର ସାନନ୍ଦା ସ୍କୁଲ ସମ୍ମୁଖରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଯୋଜନାରେ ମିଳିଥିବା ୪୦ଲକ୍ଷ ଟଙ୍କା ପାଇଁ ଗ୍ରାମସଭା ଅୟୋଜନ କରାଯିବା ସହ ପ୍ରକଳ୍ପ ଚୁଡାନ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସମିତିସଭ୍ୟା ଛବିଲତା ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଧାୟକ ଯୋଗଦେଇ ଏହି ଯୋଜନାରେ ଗ୍ରାମରେ ଅନେକ ବିକାଶମୁଳକ କାର୍ଯ୍ୟ ହୋଇ ପାରିବ। ଯଦି କମ୍ ପଡେ ତେବେ ସେ ତାଙ୍କ ପାଣ୍ଠିରୁ ଆବଶ୍ୟକ ଅର୍ଥ ପ୍ରଦାନ କରିବେ ବୋଲି କହିଥିଲେ। ୩ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ୫ନମ୍ବର ଜୋନ ସଦସ୍ୟ ମାନସ କୁମାର ଦାଶ, ମଣ୍ଡଳ ସଭାପତି ସୁମନ୍ତ କୁମାର ଜେନା, ବର୍ତ୍ତନା ସମିତିସଭ୍ୟା ପ୍ରତିନିଧି ପତିତପାବନ କର, କନିଷ୍ଠ ଯନ୍ତ୍ରୀ ଅନ୍ନପୂର୍ଣ୍ଣା ଘଡେଇ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ବ୍ଲକ ସଂଯୋଜକ ବିଭୁତି ଭୁଷଣ ମହାନ୍ତି, ପୁର୍ବତନ ସମିତିସଭ୍ୟ ଶଙ୍କର୍ଷଣ ଜେନା, ବିଜେପି ଯୁବ ସଭାପତି ରାଜେନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ଦାସ, ନିର୍ବାହୀ ଅଧିକାରୀ ସରୋଜ ଦାସ ଓ ୱାର୍ଡସଭ୍ୟ ଭଗବାନ ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦ୍ରୁପଦ କୁମାର ନାୟକ ଓ ଡିଓ ବିଜୟ କେତନ ସାହୁ ଯୋଜନା ସମ୍ବନ୍ଧୀୟ ଗାଇଡଲାଇନ ଗ୍ରାମବାସୀଙ୍କ ଆଗରେ ପ୍ରକାଶ କରିଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ।

# ପିଲାଙ୍କୁ ଡିଜିଟାଲ ସୁରକ୍ଷା ସଚେତନତା

କାଳିପଦା, ୮।୫(ସମିସ): ଭିଡିଓ କନଫରେନ୍ସ ମାଧ୍ୟମରେ ଶୁକ୍ରବାର ଅପରାହ୍ନ ତିନିଟା ପାଇଚଳିଶ ମିନିଟ ସମୟ ରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, (ଆଇପିଏସ) ବାଲିଆପାଳ ଥାନାରେ ଜୁଭେଣ୍ଟିକା ଯୋଜନାର ଶୁଭ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ତା ଏସ୍‌ଡିପିଓ ମାନସ ଦେଓ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ



ପିଲାମାନଙ୍କ ମଧ୍ୟରେ ଡିଜିଟାଲ ସଚେତନତା ସୃଷ୍ଟି କରିବା, ଶିଶୁ ସୁରକ୍ଷାକୁ ଗୁରୁତ୍ୱ, ପୁଲିସ ଓ ପିଲାମାନଙ୍କ ମଧ୍ୟରେ ସମ୍ପର୍କର ସେତୁକୁ ସୁଦୃଢ କରିବା ସହିତ ସେମାନଙ୍କୁ ଭଲ ନାଗରିକ ଭାବେ ଗଢ଼ି ତୋଳିବା ଏହାର ଲକ୍ଷ୍ୟ ବୋଲି କହିଥିଲେ। ଏଥି ସହିତ ପିଲାମାନେ କିପରି ଡ଼ିଜିଟାଲ୍ ଠକେଇ ଓ ସାଇବର ଠକେଇ ନ ପଡ଼ନ୍ତି ସେ ବିଷୟରେ ସଚେତନ କରିଥିଲେ। ଏଥିରେ ବାଲିଆପାଳ ସିଡିପିଓ ସୁନିତା ନାୟକ, ବାଲିଆପାଳ ଅଞ୍ଚଳର ବହୁ ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀମାନେ ଓ ବାଲିଆପାଳ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ବାଲେଶ୍ୱର ଏସପିଙ୍କ ଦ୍ୱାରା ସିଡବ୍ଲ୍ୟୁପିଓ ଭାବେ ନିଯୁକ୍ତ ବାଲିଆପାଳ ଥାନାର ଏସଆଇ ଶୁଭସ୍ମିତା ପାଲ ପିଲାମାନଙ୍କୁ ଥାନା ପରିସର ବୁଲାଇ ଦେଖାଇବା ସହିତ ପୋଲିସ ପିଲାମାନଙ୍କର ଶତ୍ରୁ ନୁହଁନ୍ତି, ବରଂ ସେମାନଙ୍କର ମିତ୍ର ବୋଲି କହିଥିଲେ। ଏହି ଯୋଜନା ପୋଲିସ ଓ ୟୁନିସେଫ ର ମିଳିତ ସହଯୋଗରେ ସଫଳ ହୋଇ ପାରିବ ବୋଲି ଏସଡିପିଓ ଶ୍ରୀ ଦେଓ କହି ଥିଲେ। ପରିଶେଷରେ ଏସଆଇ ଶୁଭସ୍ମିତା ପାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଳାଙ୍ଗୀ ଡିଗ୍ରୀରେ ଶକ୍ତିଶ୍ରୀ ସଚେତନତା କର୍ମଶାଳା



ବାଲେଶ୍ୱର, ୮।୫(ସମିସ): ବଡଖୁଆ ସୁନହଟସ୍ଥିତ ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ରତ୍ନାକର ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ସଂଯୋଜିକା ଶ୍ରୀନିତା ଘୋଷ ଓ ଶକ୍ତିଶ୍ରୀ ସାଥି ମଧୁସ୍ମିତା ବାରିକଙ୍କ ତତ୍ତ୍ୱାବଧାନରେ ପଥପ୍ରାନ୍ତ ସଚେତନତା ସୃଷ୍ଟି କରିବା ସହ ଛାତ୍ରୀମାନେ ଆତ୍ମ ସୁରକ୍ଷା କଳା ମଧ୍ୟ ପ୍ରଦର୍ଶନ କରିଥିଲେ। ଉଦଯାପନୀ ଦିବସରେ ଏକ ବୈଠକ ଅନୁଷ୍ଠିତ ହୋଇ ଛାତ୍ରୀମାନେ ଆତ୍ମସୁରକ୍ଷାରେ ସମୃଦ୍ଧ ହେଲେ ଶୈକ୍ଷିକ ବାତାବରଣ ବେଶ ଉନ୍ନତ ହୋଇପାରିବ ବୋଲି ଅଧ୍ୟକ୍ଷ ଡ. ରତ୍ନାକର ସିଂହ, ଅଜୟ ମହାକୁଡ଼, ମନୋଜ ନାୟକ ଓ ଶ୍ରୀନିତା ଘୋଷ ମନ୍ତବ୍ୟ ପ୍ରଦାନ କରିଥିଲେ। ଇପ୍ସିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଇବଣିଆ ଥାନା ପକ୍ଷରୁ ସଚେତନତା ଶିବିର



ଜଳେଶ୍ୱର ବ୍ଲକ, ୮।୫(ସମିସ): ରାଇବଣିଆ ଥାନା ଆଇ ଆଇସି ଚମ୍ପାବତୀ ସୋରେନଙ୍କ ଆହ୍ୱାନ କ୍ରମେ କିଶୋର ବୟସରେ ପାଦ ଥାପିଥିବା ଛାତ୍ରଛାତ୍ରୀ ସେମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳେଶ୍ୱର ମହିଳା ଓ ସମ୍ମନିତ ଶିଶୁ ବିକାଶ ବିଭାଗର ସୁପର ଭାଇଜର୍ ମନ୍ଦାକିନୀ ଜେନା, ସ୍ୱର୍ଣ୍ଣଲତା ନାୟକ, ଅଙ୍ଗନବାଡ଼ି କର୍ମୀ ସୁଚିତ୍ରା ଆସ, ଅନ୍ନପୂର୍ଣ୍ଣା ପାତ୍ର, ସୁଭରାଣୀ ଦାସ, ଶକୁନ୍ତଳା ଦାସ, ଜୋସ୍ନାରାଣୀ ଅଧିକାରୀ, ରାଇବଣିଆ ଥାନାର ଚନ୍ଦନ ମହାନ୍ତି, କାଳିନ୍ଦୀ ଚରଣ ସାହୁ, ରାମେଶ୍ୱର ସୋରେନ, ରତ୍ନେଶ୍ୱର୍ ମୁର୍ମୁ, ଜଗନ୍ନାଥ ସାହୁ, ବାବୁଲି ସିଂ, ବଳରାମ ଦାସ, ବିମଳ ହେମରମ୍, ଶଶିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅଲିଭ ରିଡ୍‌ଲେ କଇଁଛ ଶାବକକୁ ଚୌମୁଖ ସମୁଦ୍ରରେ ଛଡ଼ାଗଲା

କାଳିପଦା, ୮।୫ (ସମିସ)

ବନ ବିଭାଗ ପକ୍ଷରୁ ଶୁକ୍ରବାର ଅଲିଭ ରିଡ଼ଲେ କଇଁଛ ଛୁଆକୁ ଚଉମୁଖ ସମୁଦ୍ରରେ ଛଡ଼ା ଯାଇଛି। ବନ ବିଭାଗ ଫରେଷ୍ଟର ମନୋଜ କୁମାର ଧଡ଼ା, ରେଞ୍ଜ ଅଫିସର ମନୋହର ଖାଁ, କର୍ମଚାରୀ ଦୁର୍ଜୟ କୁମାର କରଣ, ଗିରିଧାରୀ ଦାସ, ମନ୍ମଥ କୁମାର ଦଳାଇ, ଜନ୍ମେଜୟ ପାତ୍ର, ଅଜୟ କୁମାର ଦେ, ଗଣେଶ ଚନ୍ଦ୍ର ଗିରି, ରାଇ ମୋହନ ଦେ ପ୍ରମୁଖ ଆଜି ଅଣ୍ଡାରୁ ଫୁଟିଥିବା ତିନି ହଜାର କଇଁଛ ଛୁଆକୁ ଚଉମୁଖ ସମୁଦ୍ରରେ ଛାଡିଛନ୍ତି। ବ୍ଲକ ଉପାଧ୍ୟକ୍ଷ ରାଜେଶ କୁମାର ଚୌଧୁରୀ, ଗୋପାଳ ଦାସ, ମୁରଲୀ ମାହାନ୍ତି ପ୍ରମୁଖ ଗ୍ରାମବାସୀ କଇଁଛ ଛୁଆକୁ ଛଡ଼ା ଯାଉଥିବା ବେଳେ ସମୁଦ୍ର ବେଳାଭୂମିରେ ଉପସ୍ଥିତ ଥିଲେ। ଚଳିତବର୍ଷ ଶତାଧିକ କଇଁଛ ଚଉମୁଖ ସମୁଦ୍ର ବେଳାଭୂମିରେ ଢେର୍ ସାରା ଅଣ୍ଡା ଦେଇ ଥିବାବେଳେ ବନ ବିଭାଗ ଆଠ ହଜାର କଇଁଛ ଅଣ୍ଡା ସଂଗ୍ରହ କରି ତାର ରକ୍ଷଣା ବେକ୍ଷଣ କରିଥଲେ। ଚଉମୁଖ ସମୁଦ୍ର ବେଳାଭୂମିରେ କଇଁଛଙ୍କ ଅଣ୍ଡା ଦେବା ପ୍ରକୃତିପ୍ରେମୀଙ୍କୁ ଖୁସି କରିଛି। ଚଉମୁଖ ସମୁଦ୍ର ବେଳାଭୂମିରେ କେତେ ବର୍ଷ ହେବ ଅଲିଭ ରିଡ଼ଲେ କଇଁଛ ଅଣ୍ଡା ଦେବାକୁ ଆସୁଥିବା ବେଳେ ମାଳ ମାଳ ନାଲି କଙ୍କଡ଼ାଙ୍କ ସମାବେଶ ଏଠାରେ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରୁଛି। ହଂସକରା ଓ କଷାଫଳ ବେଳାଭୂମିରେ ମଧ୍ୟ ଅଲିଭି ରିଡଲେ କଇଁଛ ଅଣ୍ଡା ଦେବାକୁ ଆସୁଥିବା ଜଣା ଯାଇଛି। ଆଗାମୀ ଦିନରେ ପରିବେଶ ସୁରକ୍ଷା ଦୃଷ୍ଟିରୁ ଏହି ବେଳା ଭୂମିକୁ ସୁରକ୍ଷିତ ରଖିବା ପାଇଁ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ସାଧାରଣରେ ଆଲୋଚନା ହେଉଛି।



# ରକ୍ତଦାନ ଶିବିର; ୧୧୦ ୟୁନିଟ୍ ସଂଗୃହୀତ

ନୀଳଗିରି, ୮।୫ (ସମିସ): ନୀଳଗିରି ଉପକଣ୍ଠ ନୂଆଗାଁ ଗ୍ରା.ପ. ବାହାଳ ମୌଜାରେ ଥିବା ସ୍ନୋୱାର୍ଲ୍ଡ ମେରାଇନ ଏକ୍ସପର୍ଟ ପ୍ରାଇଭେଟ ଲିମିଟେଡ଼ ଚିଙ୍ଗୁଡ଼ି ପ୍ଲାଣ୍ଟ ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଶୁକ୍ରବାର ପ୍ଲାଣ୍ଟ ପରିସରରେ ଆୟୋଜିତ ରକ୍ତଦାନ ଶିବିର କୁ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଫିତାକାଟି ରକ୍ତଦାନ ଶିବିରକୁ ଉଦଘାଟନ କରିଥିବା ବେଳେ ସେଠାରେ କମ୍ପାନୀର ମୁଖ୍ୟ ପ୍ରକାଶ କୁମାର ମହାନ୍ତି ଓ ଚିନ୍ମୟ କାନ୍ତି ବିଶ୍ୱାଳ, ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ଏମ୍ପଇ ମାନେ ରକ୍ତଦାନ କରିଥିବା ବେଳେ ୧୧୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ଟେକ୍ନିସିଆନ ଅଜୟ ଜେନା, ମନୋଜ ଗନ୍ତାୟତ ଏବଂ ସହକର୍ମୀ ଅଜୟ ମହାପାତ୍ର, ବିଦ୍ୟାଧର ସାହୁ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ପରେ ଅପରାହ୍ନ ୨ଟାରେ ବାଲେଶ୍ୱର ରକ୍ତ ଭଣ୍ଡାରକୁ ରକ୍ତ ନିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ



ଶୁଭ୍ରାଂଶୁ ଶେଖର ରାୟ, ସତ୍ୟରଞ୍ଜନ ଧଳ, କାମଦାଞ୍ଜା ନାୟକ, ଯୁଗଳ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଜେନା, ରାକେଶ ଧଳ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମୁଗ ଓ ବିରି ବିହନ ବଣ୍ଟନରେ ବ୍ୟାପକ ଅନିୟମିତତା

ଅସୁରାଳି, ୮।୫(ସମିସ)

ପାଳସାହି ଓ ରଇପୁର ପଞ୍ଚାୟତ ସମେତ ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଷୀମାନଙ୍କୁ ମୁଗ ଏବଂ ବିରି ବିହନ ବଣ୍ଟନ କ୍ଷେତ୍ରରେ ହୋଇଥିବା ବ୍ୟାପକ ଅନିୟମିତତା ନେଇ ଲିଖିତ ଅଭିଯୋଗ ଜିଲ୍ଲାପାଳଙ୍କୁ ଓଡ଼ିଶା ନବନିର୍ମାଣ କୃଷକ ସଂଗଠନ ସହ ଅନ୍ୟ ବିରୋଧୀ ଦଳର ନେତୃମଣ୍ଡଳୀଙ୍କ ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ମୂଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଧାମନଗର ବ୍ଲକର ସହ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ ପାଳସାହି, ରଇପୁର, ସାହସପୁର ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତ ଗସ୍ତ କରି ଅଭିଯୋଗକାରୀ ଚାଷୀଙ୍କ ସମେତ ମୁଗ ବିହନ ପାଇବାରୁ ବଞ୍ଚିତ ହୋଇଥିବା ବହୁ ଚାଷୀଙ୍କୁ ସାକ୍ଷାତ କରି ସେମାନଙ୍କ ଅଭିଯୋଗ ଶୁଣି ବିହିତ ପଦକ୍ଷେପ ନେବାକୁ ଉପରସ୍ଥ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଚାଷୀଙ୍କ ଅଭିଯୋଗନୁଯାୟୀ, ଜମି ହଳ କରିଥିବା ଶହ ଶହ

## କୃଷି ସହଅଧିକାରୀଙ୍କ ତଦନ୍ତ

ସଂଖ୍ୟାର ଉପଯୁକ୍ତ ଚାଷୀଙ୍କୁ ବିହନ ନ ଦେଇ ପଞ୍ଚାୟତ କୃଷି ଅଧିକାରୀ ମନମାନିରେ ଅଳ୍ପ କିଛି ଅଣଚାଷୀଙ୍କୁ ବିହନ ଯୋଗାଇଥିଲେ। ତାହା ପୁଣି ମାର୍ଚ୍ଚ ଏବଂ ଏପ୍ରିଲ ମାସ ରେ। ଏତଦ ବ୍ୟତୀତ ଜିଲ୍ଲାପାଳଙ୍କୁ ଅଭିଯୋଗ ଦେଲାପରେ ଏପ୍ରିଲ ୧୫ ତାରିଖ ପରେ କିଛି ପଞ୍ଚାୟତର କୃଷି ଅଧିକାରୀ ଆଇନ ଆଖିରେ ଧୂଳି ଦେଇ ମନମୁଖୀ ଭାବେ ଘରପିଛା ୮ ଶହରୁ ଏକକିଲୋ ମୁଗ ବିହନ ରିଲିଫ ଚାଉଳ ଭଳି ବାଣ୍ଟିଥିବାର ମଧ୍ୟ ଜାଣିବାକୁ ମିଳିଥିଲା। ଆଜି ବ୍ଲକ ସହ କୃଷିଅଧିକାରୀ ଅଭିଯୋଗକାରୀଙ୍କୁ ସାକ୍ଷାତକରି ସେମାନଙ୍କ ମତାମତ ନେବା ସମୟରେ ବହୁ ଚାଷୀମାନେ ମଧ୍ୟ ପୁଣି ଏକ ଲିଖିତ ଅଭିଯୋଗ କୃଷି ଅଧିକାରୀଙ୍କୁ ପ୍ରଦାନ କରି ଚେତାବନୀ ଦେଇଥିଲେ। ଏଥିରେ ଯଦି ଅନିୟମିତତା ର ସଠିକ ପଦକ୍ଷେପ ଜିଲ୍ଲା ପ୍ରଶାସନ ତରଫରୁ ନିଆ ନ ଯାଏ, ତେବେ ରାଜ ରାସ୍ତାକୁ ଓହ୍ଲାଇବା ସହ ଆଇନ ର ଆଶ୍ରୟ ନେବାକୁ ଲିଖିତ ଅଭିଯୋଗ କରିଥିଲେ। ବରିଷ୍ଠ ଚାଷୀ ସଂଗଠକ ପୀତବାସ ମହାନ୍ତି, ରମେଶ ଚନ୍ଦ୍ର ବେହେରା, ଅନୀଲ ଦାସ, ଭବରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଥାନାର ଦ୍ୱାରସ୍ଥ ହେଲେ ଏସ୍ଏଚ୍ଜି ସଦସ୍ୟା



ବାରିକପୁର, ୮।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମର ଏକ ଏସଏଚଜିର ସଦସ୍ୟା ମାନେ ଆଜି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ ମହିଳାମାନେ ଗ୍ରୁପ ଗଠନ କରି ଆଖୁଆପଦାସ୍ଥିତ ଏକ ବ୍ୟାଙ୍କରୁ ଋଣ ନେଇଥିଲେ। ଋଣ ନେବାର କିଛିଦିନ ପରେ ଏସଏଚଜି ଗ୍ରୁପର ଜଣେ ସଦସ୍ୟାଙ୍କ ଅକାଳ ବିୟୋଗ ଘଟିଥିଲା। ଏପରିସ୍ଥଳେ ମୃତକ ସଦସ୍ୟାଙ୍କ ଋଣ ସୁଝିବାକୁ ତାଙ୍କ ସ୍ୱାମୀ ରାଜି ହେଉନାହାନ୍ତି। ଏପଟେ ବ୍ୟାଙ୍କ କର୍ତ୍ତୃପକ୍ଷ ଗ୍ରୁପର ଅନ୍ୟ ମହିଳାଙ୍କ ଠାରୁ ମୃତ ମହିଳାଙ୍କ ନାମରେ ଥିବା ଋଣକୁ ସୁଧମୂଳ ସହିତ ଜୋର ଜବରଦସ୍ତ ଆଦାୟ କରୁଛନ୍ତି। ଋଣନେଇ ମୃତ୍ୟୁବରଣ କରିଥିବା ପରିବାର ଋଣ ଟଙ୍କା ଦେଉନଥିବା ବେଳେ ଅନ୍ୟ ମହିଳାମାନେ ବ୍ୟାଙ୍କ ତାଗିଦରେ ଭୟଭୀତ ହୋଇ ଋଣ ସୁଝିବାକୁ ବାଧ ହେଉଛନ୍ତି। ଆପତି ଅଭିଯୋଗ ନେଇ ପଞ୍ଚାୟତ ସ୍ତରରେ ଏନେଇ କୌଣସି ସମାଧାନ ନହେବାରୁ ନ୍ୟାୟ ପାଇଁ ମହିଳା ମାନେ ଆଜି ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

# ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ବସ୍ତା ବ୍ଲକ, ୮।୫ (ସମିସ): ଜୀବନର ଲକ୍ଷ୍ୟ ଯଦି ସଂଗ୍ରାମରେ ପରିଣତ ହେବ ତାହାଲେ ଜୀବନ ର ସଫଳତାରେ ପୂର୍ଣ୍ଣତା ଆସିବ ବୋଲି ଚଳିତ ମାଟ୍ରିକ ପରୀକ୍ଷାରେ ଏ -୧ ରେ କୃତକାର୍ଯ୍ୟ ଛାତ୍ର ଛାତ୍ରୀ ଙ୍କୁ ଶିକ୍ଷକ ସଂଘ ଓଷ୍ଟା ବସ୍ତା ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବ ରେ ଅତିଥିଙ୍କ ଦ୍ୱାରା ମତ ପ୍ରକାଶ ପାଇଛି। ଶୁକ୍ରବାର ବସ୍ତା ବ୍ଲକ ଇଡଦାସ୍ଥିତ ଗୋଲକ ନାରାୟଣ ହାଇ ସ୍କୁଲ ରେ ଯତୀନ୍ଦ୍ର ନାଥ ଅଧିକାରୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଓଷ୍ଟା ର ବସ୍ତା ସମ୍ପାଦକ ବିଜୟ କୁମାର ପାତ୍ର, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ୱୀ ରେନ୍ଦ୍ର ନାରାୟଣ ପ୍ରହରାଜ, ସମ୍ମନିତ ଅତିଥି ଭାବେ ହରିବାସ ଦାସ, ଶିବ ଶଙ୍କର ମିଶ୍ର, ବେଣୁଧର ନନ୍ଦୀ, ସନ୍ତୋଷ କୁମାର ସାହୁ, ମିନତି ରଣାଙ୍କ ସହିତ ଓଷ୍ଟା ର ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମିନତି ରଣା ଧନ୍ୟବାଦ ଅର୍ପଣ କରିଥିଲେ। ବସ୍ତା ବ୍ଲକରେ ୨୬ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ ସହିତ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ସହିତ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରାଯାଇଥିଲା।

# ଝାଟିବଣୀ ବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଚନ୍ଦନେଶ୍ୱର, ୮।୫ (ସମିସ) : ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଭୋଗରାଇର ଜଳସୋହରିଆ ପଞ୍ଚାୟତ ଅଧୀନ ପ୍ରସନ୍ନ କୁମାର ଏକାଡେମୀ, ଝାଟିବଣୀ ବିଦ୍ୟାଳୟରେ ଟପ୍ପର ହୋଇଥିବା ଛାତ୍ରୀ ସଞ୍ଜନା ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିବା ସହିତ ମିଠା ଖୁଆଇ ଥିଲେ। ଝାଟିବଣୀ ଉଚ୍ଚ ବିଦ୍ୟାଳୟର ଚଳିତ ବର୍ଷ ୫୫ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ସଞ୍ଜନା ୫୫୬ନମ୍ବର ରଖି ଏ-୧ ହୋଇ ଥିବା ବେଳେ ୭ଜଣ ଏ-୨, ୧୦ଜଣ ବି-୧, ୧୪ଜଣ ବ ୨, ୧୧ଜଣ ସି, ୧୦ ଜଣ ଡି, ୨ଜଣ ଇ-ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ନେଇ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ଦାସ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଶିକ୍ଷାବିତ ଶ୍ରୀହରି ଚରଣ ଦାସ, ମୁଖ୍ୟବକ୍ତା ସିଆରସିସି କାର୍ତ୍ତିକ ଚନ୍ଦ୍ର ପାଳ, ସମାଜସେବୀ ବିଷ୍ଣୁପଦ ଜେନା, ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ, ଦେବ ଶଙ୍କର ଦାଶ, ରାଧାକାନ୍ତ ପ୍ରଧାନ, ସୁଶାନ୍ତ କୁମାର ମାହାନା, ଅନ୍ନପୂର୍ଣ୍ଣା ଗିରି, ସୁଶାନ୍ତ ପାତ୍ର ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ବିଦ୍ୟାଳୟର ଟପ୍ପର ହୋଇଥିବା ସଞ୍ଜନାଙ୍କ ବାପା ବିଷ୍ଣୁ କୁମାର ବେହେରା ଏବଂ ଅପର୍ଣ୍ଣା ବେହେରା ମଧ୍ୟ ଉପସ୍ଥିତ ଥିଲେ।




# ଓଡ଼ିଶା ପୁଲିସ ଓ ୟୁନିସେଫର ସଚେତନତା କାର୍ଯ୍ୟକ୍ରମ

ସିମୁଳିଆ, ୮।୫ (ସମିସ): ଓଡ଼ିଶା ପୁଲିସ ଓ ୟୁନିସେଫ ମିଳିତ ଆନୁକୂଲ୍ୟରେ 'ଜୁଭେଣ୍ଟିକା' ସଚେତନତା କାର୍ଯ୍ୟକ୍ରମ ସିମୁଳିଆ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିମୁଳିଆ ଥାନାଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସବ ଇନ୍ସପେକ୍ଟର କ୍ଷୀରୋଦ ଦାସ, ସିଡିପିଓ ଖୁଲଣା ସୁନ୍ଦରୀ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଚେତନତାର ଶିଶୁ ଓ ମହିଳାମାନେ କିପରି ନିଶଙ୍କୋଚରେ ପୁଲିସର ସହାୟତା ନେଇ ପାରିବେ ଓ ମୋବାଇଲର କୁପ୍ରଭାବ, ଯୁବପିଢିଙ୍କ ମଧ୍ୟରେ ଫଟୋ ଆଦାନ ପ୍ରଦାନ ପରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଥିବା ନେଇ ଆଭାସି ମାଧ୍ୟମରେ ଦେଖା ଯାଇଥିଲା। ପରେ ଥାନା ପରିସରରେ ଥିବା ଫୁଲ ବଗିଚା ଦେଖାଇବା ସହ ପୋଲିସ ସେମାନଙ୍କ କଣ କାର୍ଯ୍ୟ କରୁଛି ଥାନା ପରିସରରେ ବୁଲାଇ ଦେଖାଇବା ସହ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସିମୁଳିଆ ପୋଲିସର ସମସ୍ତ କର୍ମୀ, ଅଙ୍ଗନବାଡି କର୍ମୀ, ଆଶା ଓ କିଶୋର, କିଶୋରୀ ମାନେ ସାମିଲ ଥିଲେ।



# 'ଅଗ୍ନି-୬' କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ପ୍ରସ୍ତୁତି

ବାଲେଶ୍ୱର, ୮।୫ (ସମିସ): ଓଡ଼ିଶା ଉପକୂଳରେ ଥିବା ଡ. ଏପିଜେ ଅବଦୁଲ କାଲାମ ଦ୍ୱୀପରୁ ଏକ ବଡ଼ ଧରଣର କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଏଥିପାଇଁ ମେ ମାସ ୬ ତାରିଖରୁ ୯ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ଏକ ବିଶାଳ ଅଞ୍ଚଳକୁ 'ନୋ-ଫ୍ଲାଏ ଜୋନ୍' (ନୋଟାମ) ଘୋଷଣା କରାଯାଇଛି। ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହା ଭାରତର ସବୁଠାରୁ ଶକ୍ତିଶାଳୀ ତଥା ଦୂରଗାମୀ କ୍ଷେପଣାସ୍ତ୍ର ଅଗ୍ନି-୬ ହୋଇପାରେ। ଯାହାର ଲକ୍ଷ୍ୟଭେଦ କ୍ଷମତା ୧୦, ୦୦୦ କିଲୋମିଟରରୁ ଅଧିକ। ଏହାବ୍ୟତୀତ ଅଗ୍ନି-୪ କିମ୍ବା କେ-୪ ପରୀକ୍ଷଣ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ପ୍ରାୟ ୩, ୫୬୦ କିଲୋମିଟର ପର୍ଯ୍ୟନ୍ତ ଏହି ମିସାଇଲ୍ ଟେଷ୍ଟିଂ ପାଇଁ ଆକାଶମାର୍ଗକୁ ବାରଣ କରାଯାଇଛି, ଯାହା ଏକ ଦୂରଗାମୀ କ୍ଷେପଣାସ୍ତ୍ରର ସଙ୍କେତ ଦେଉଛି। ଯଦି ଏହା 'ଅଗ୍ନି-୬' ହୁଏ, ତେବେ ଭାରତ ବିଶ୍ୱର ସେହି ଅଳ୍ପ କେତୋଟି ଦେଶ (ଆମେରିକା, ରୁଷ, ଚୀନ୍, ଫ୍ରାନ୍ସ ଏବଂ ବ୍ରିଟେନ) ତାଲିକାରେ ସାମିଲ ହେବ, ଯାହାଙ୍କ ପାଖରେ ବିଶାଳ ଦୂରତା ଅତିକ୍ରମ କରିପାରୁଥିବା ଆଇସିବିଏମ କ୍ଷମତା ରହିଛି। ଡିଆରଡିଓ କିମ୍ବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପରୀକ୍ଷଣର ସଫଳତା ସମ୍ପର୍କରେ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା କରାଯାଇଛି। ସାଧାରଣତଃ ପରୀକ୍ଷଣ ଶେଷ ହେବା ପରେ ହିଁ ଏହାର ବିସ୍ତୃତ ବିବରଣୀ ପ୍ରକାଶ କରାଯାଏ।

# ସିଂଲା ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ




ଲଙ୍ଗଳେଶ୍ୱର, ୮।୫ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ପରିସର ରେ ଓଡ଼ିଶା ପୁଲିସ ଏବଂ ୟୁନିସେଫ୍ ମିଳିତ ସହଯୋଗ ରେ କିଶୋର, କିଶୋରୀ ଏବଂ ଅଙ୍ଗନୱାଡି କର୍ମୀ ଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ 'ଜୁଭେଣ୍ଟିକା ' ଅନୁଷ୍ଠିତ ହୋଇଯାଇଛି। ସିଂଲା ଥାନାଧିକାରୀ ସୁଚନ୍ଦ୍ର ମହାଳିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ଅଞ୍ଚଳ ର ୫୦ରୁ ଉର୍ଦ୍ଧ୍ୱ କିଶୋର କିଶୋରୀ ଏବଂ ଅଙ୍ଗନୱାଡି କର୍ମୀ ଯୋଗଦେଇ ଥିଲେ। ପୋଲିସ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମ୍ପର୍କ ର ସେତୁ କିଭଳି ଭାବରେ ମଜବୁତ ହେବ ସେ ନେଇ ସେମାନଙ୍କୁ ପୋଲିସ ପକ୍ଷରୁ ସଚେତନ କରା ଯାଇଥିଲା। ଏଥିରେ ଏସ ଆଇ ତପନ କୁମାର ଜେନା, ଏ ଏସ ଆଇ ଗୋପାଳ ହେମ୍ବ୍ରମ, ଚନ୍ଦ୍ର ସୋରେନ, ପବିତ୍ର ମୋହନ ରାଉତ ଏବଂ କନେଷ୍ଟବଳ ଛବି ହାଁସଦା, ଉଦ୍ଧବ ଚାମ୍ପିଆ, ରେଙ୍ଗ ଚାଟାର, ମଧୁ ବାସ୍କେ, ଜାଟା ହେମ୍ବ୍ରମ, ସନ୍ତୋଷ ପ୍ରଧାନ, ଅନନ୍ତ ବେହେରା, ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସମାଜସେବୀଙ୍କ ପରଲୋକ



ଅସୁରାଳି, ୮।୫(ସମିସ): ଧୂଷୁରୀ ଏନଏସି ଅଧିନ ବାହରବିଲ ଗାଁର ବିଶିଷ୍ଟ ସମାଜସେବୀ ତଥା ବ୍ୟବସାୟୀ ଉପେନ୍ଦ୍ର ନାୟକଙ୍କର ଆଜି ସକାଳ ସାଢେ ୭ଟା ବେଳେ ୬୮ ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଅମାୟିକ ବ୍ୟକ୍ତି ଭାବେ ଧୂଷୁରୀ ଅଞ୍ଚଳରେ ସମସ୍ତଙ୍କର ପ୍ରିୟ ଥିଲେ। ଜ୍ୟେଷ୍ଠ ପୁତ୍ର ବିକ୍ରମ ନାୟକ ମୁଖାଗ୍ନି ଦେଇଥିବା ବେଳେ କନିଷ୍ଠ ପୁତ୍ର ବିଶ୍ୱ ସ୍ୱରୂପ ନାୟକ, ପରିବାର ସଦସ୍ୟ, ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ନାୟକଙ୍କ ବିୟୋଗରେ ସମଗ୍ର ଧୂଷୁରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଶେଷ ଦର୍ଶନ ପାଇଁ ଧୂଷୁରୀ ଅଞ୍ଚଳର ବହୁ ନେତୃତ୍ୱ ଏବଂ ସମାଜସେବୀ ମାନେ ଉପସ୍ଥିତ ହୋଇ ପାର୍ଥିବ ଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

**ଆନ୍ତଃରାଜ୍ୟ ଚାଲାଣ ବେଳେ ମାଡ଼ି ବସିଲା ପୁଲିସ**

# ଗଞ୍ଜେଇ ସହ ଅଟୋ ଜବତ; ୮ ଗିରଫ

ଯୋଡ଼ା/ବଡ଼ବିଲ, ୮।୫(ସମିସ): କେନ୍ଦୁଝର ଜିଲ୍ଲା ପୁଲିସ ଦ୍ୱାରା ଚୋରା ନିଶା ବେପାରୀଙ୍କ ବିରୋଧରେ ଅଭିଯାନ ଜାରି ରହିଥିବା ବେଳେ ବଡ଼ବିଲ ପୁଲିସକୁ ମିଳିଛି ସଫଳତା। ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତ ଓଏମ୍ସି କଲୋନୀ ନିକଟସ୍ଥ ଏକ ସ୍ଥାନରେ ଆନ୍ତଃରାଜ୍ୟ ଗଞ୍ଜେଇ ରାକେଟ କାର୍ଯ୍ୟ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଡ଼ବିଲ ଥାନାଧିକାରୀ ଅଶୋକ ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଚଢ଼ଉ କରିଥିଲେ। ଏହି ଚଢ଼ଉରେ ଏକ ଅଟୋ ରିକ୍ସାରେ (ଓଡି ୦୯ ୱାଇ ୫୮୬୨) ବୋଝେଇ ହୋଇଥିବା ୩୩ କିଲୋଗ୍ରାମ ୧୯୦ ଗ୍ରାମ ଓଜନ ଚୋରା ଗଞ୍ଜେଇ, ଗୋଟିଏ ବିଦ୍ୟୁତ ଚାଳିତ ଓଜନ ମେସିନ, ଗୋଟିଏ ମୋବାଇଲ ଫୋନ, ନଗଦ ୨୦୦୦ ଟଙ୍କା ସମେତ ଅଟୋ ରିକ୍ସାକୁ ମଧ୍ୟ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ୮ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି। ଏ ସମ୍ବନ୍ଧରେ ବଡ଼ବିଲ ଆଞ୍ଚଳିକ ପୁଲିସ ଅଧୀକ୍ଷକ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ଦେଇଛନ୍ତି ଯେ ବିଜୁ ବେହେରା (୨୫) ଓ ଘନଶ୍ୟାମ ଷଡ଼ଙ୍ଗୀ (୩୩) ଅଟୋ ରିକ୍ସାରେ ଗଞ୍ଜେଇ ଆଣି ଯୋଗାଉଥିଲେ। ସ୍ଥାନୀୟ କେତେକ ଗଞ୍ଜେଇ ବେପାରୀ ସେମାନଙ୍କଠାରୁ ଗଞ୍ଜେଇ କିଣି ବଡ଼ବିଲ ଅଞ୍ଚଳରେ କାରବାର ଚଳାଉଥିବା ବେଳେ ପୁଲିସ ପକ୍ଷରୁ ତଦନ୍ତ କରାଯାଇ ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ଅନ୍ୟ ଗିରଫ ଅଭିଯୁକ୍ତମାନେ ହେଲେ ସୁଶୀଲ ପଇଡ଼ର(୨୨), ସଦ୍ଦାମ ହୁସେନ(୩୬), ଅର୍ଜୁନ କେଶରୀ (୫୫), ଯଦାଧର ଆପଟ୍ରା(୩୫), ଏମ୍ଡି ମୁମତାଜ ଆଲାମ(୩୩) ଓ ଏମ୍ଡି ସରାବର(୩୦)। ଜଣେ କାର୍ଯକାରୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଚଢ଼ଉ କରାଯାଇଥିଲା।



## ଗାଡ଼ି ଯାଞ୍ଚ କଡ଼ାକଡ଼ି

ହାଟଡ଼ିହୀ,୮।୫(ସମିସ): ମଦ୍ୟପ ଚାଳକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଅନେକ ଅମାନିଆ ବାଇକ୍ ଚାଳକ ବିନା ହେଲମେଟରେ ଏବଂ ଅନେକ ୩/୪ଚକିଆ ଚାଳକ ଅମାନିଆ ଢଙ୍ଗରେ ଯା'ଆସ କରୁଥିବାରୁ ସେମାନଙ୍କୁ ସାବାଡ଼ କରିବା ପାଇଁ ପୁଲିସ ପ୍ରଶାସନ ତତ୍ପରତା ଦେଖାଇଛି। ଆଜି ପୂର୍ବାହ୍ନ ସମୟରେ ଆମ୍ବଗଡିଆ ଛକଠାରେ ସୋସୋ ଥାନା ଏଏସଆଇ ନୃସିଂହ ତନ୍ତିଙ୍କ ନେତୃତ୍ୱରେ ୨ଚକିଆ ଏବଂ ୪ଚକିଆ ଗାଡ଼ି ଚାଳକଙ୍କୁ ଅଟକାଇ ମଦ ଯାଞ୍ଚ ମେସିନ୍ ଦ୍ୱାରା କଡ଼ା ଯାଞ୍ଚ କରାଯାଇଛି। ଯାଞ୍ଚ ସମ୍ପର୍କରେ ଏଏସଆଇ ଶ୍ରୀ ତନ୍ତିଙ୍କୁ ପଚାରିବାରୁ ଉଚ୍ଚପଦସ୍ଥ ଅଧିକରୀଙ୍କ ନିର୍ଦ୍ଦେଶ ଥିବାରୁ ଏହି ପ୍ରକ୍ରିୟା କ୍ରମାଗତ ଭାବେ ଚାଲୁରହିବ ବୋଲି ସେ କହିଛନ୍ତି। ତେବେ, ସୋସୋ ପୁଲିସ ପକ୍ଷରୁ ଏଭଳି କଡାକଡ଼ି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏନେଇ ଆନନ୍ଦପୁର ଏସଡ଼ିପିଓ ଓ ସୋସୋ ଆଇଆଇଆସିଙ୍କୁ ସ୍ଥାନୀୟ ଲୋକେ ପ୍ରଶଂସା କରାଯାଇଛି।

# ଖଇରା ପୁଲିସ ପକ୍ଷରୁ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଖଇରା, ୮।୫ (ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଥାନା ପରିସରରେ ଶୁକ୍ରବାର ଅପରାହ୍ନରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଜୁଭେଣ୍ଟିକା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ରାଜ୍ୟ ସ୍ତରୀୟ ବରିଷ୍ଠ ପୁଲିସ ଅଧିକାରୀମାନେ ଆଭାସୀ ମାଧ୍ୟମରେ କିଶୋରୀ ବାଳିକା ମାନେ କୌଣସୀ ସମସ୍ୟା ନିଜ ଭିତରେ ଗୋପନ ନରଖି ପୁଲିସ ସହ ଆଲୋଚନା କରି ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ପରେ ଖଇରା ଥାନା ଏସଆଇ ଅନିତା ମଙ୍ଗରାଜ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଉର୍ମିଳା ବେହେରା, ଏଏସଆଇ ମନସ୍ମିତା ମହାନ୍ତି, ଏଏସଆଇ ଗୌରହରି ବୁଗୁଡାଇ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାଇବର ଅପରାଧ, ଅନଲାଇନ ଠକେଇ ଇତ୍ୟାଦି ସମ୍ପର୍କରେ ଭିଡିଓ ପ୍ରଦର୍ଶନ କରାଯାଇଥିଲା।



**ବଢୁଛି ଜବରଦଖଲ ସମସ୍ୟା**

# ସଂକୁଚିତ ହେଉଛି ଦୋଳସାହି-ବୋଡ଼କ ରାସ୍ତା

ଦୋଳସାହି, ୮।୫(ସମିସ): ତିହିଡ଼ି ବ୍ଲକ ଦୋଳସାହି-ବୋଡକ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାର ପ୍ରବେଶପଥରୁ ରାସ୍ତା ଜମି ଉପରେ ଜବରଦଖଲ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଦୋଳସାହି-ବୋଡକ ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତା ଜମି କୁ ଜବରଦଖଲ କରୁଥିବା ନେଇ ଏହି ରାସ୍ତା ସଂକୁଚିତ ହେଉଥିବା ନେଇ ଅଭିଯୋଗ ହେଉଥିଲା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିବାକୁ ନେଇ ଏହି ଜବରଦଖଲକାରୀ ଜବରଦଖଲ କରୁଥିବା ଦେଖିବାକୁ ମିଳୁଛି। ସେହିପରି ଏହି ରାସ୍ତାରେ ଭାରିଯାନ ଯାତାୟାତ କରିବା ନିୟମ ନଥିଲା ବେଳେ ଦୈନିକ ଶହ ଶହ ସଂଖ୍ୟାରେ ଓଭରଲୋଡିଂ ହାଇୱା ଯାତାୟାତ କରୁଥିବା ନେଇ ରାସ୍ତାର ଅବସ୍ଥା ମରଣଯନ୍ତା ପାଲଟିଥିବା ସହ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳୁଛି। ଏଥିସହ ଏହି ରାସ୍ତାରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଜବରଦଖଲ ଉଚ୍ଛେଦ ପାଇଁ ସାଧାରଣରେ ଦାବି ହେଉଛି।



# ଧୂଷୁରୀ ଏନ୍ଏସି ପାଇଁ ୨.୨୫ କୋଟିର ଅନୁଦାନ

## ସୀମା ନିର୍ଦ୍ଧାରଣ ସହ ଆସନ ସଂରକ୍ଷଣ ଚୂଡ଼ାନ୍ତ

ଅସୁରାଳି, ୮।୫ (ସମିସ)

ଧାମନଗର ବ୍ଲକର ନବଗଠିତ ଏନଏସି ପାଇଁ ବିକାଶର ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏହି ଏନଏସିର ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କ ପକ୍ଷରୁ ୨ କୋଟି ୨୫ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି। ଏହି ଅର୍ଥରେ ଅଞ୍ଚଳର ରାସ୍ତା, ଡ୍ରେନେଜ, ପାନୀୟ ଜଳ ଏବଂ ବିଦ୍ୟୁତକରଣ ଭଳି ମୌଳିକ କାର୍ଯ୍ୟ କରାଯିବ। ଅନ୍ୟପଟେ, ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ଧୂଷୁରୀ ଏନଏସିର ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ଶେଷ ହୋଇଛି। ପ୍ରକାଶିତ ସୂଚନା ଅନୁଯାୟୀ, ଏହି ଏନଏସିରେ ମୋଟ ୧୪ଟି ୱାର୍ଡ ରହିବ। ଧୂଷୁରୀ ପଞ୍ଚାୟତର ସମସ୍ତ ୱାର୍ଡ ସମେତ କୋଠାର, ନଦିଗାଁ ଏବଂ ବମକୁରା ପଞ୍ଚାୟତର କିଛି ଅଂଶକୁ ନେଇ ଏହି ନୂତନ ସହରାଞ୍ଚଳ ଗଠିତ ହୋଇଛି। ଏଥିରେ ବାଙ୍କ ସାହି, ଜେନା ସାହି, ବ୍ରାହ୍ମଣୀପାଳ, ଓଲଟପୁର ଓ ହରିହଂସ ଭଳି ପ୍ରମୁଖ ଅଞ୍ଚଳ ସାମିଲ ରହିଛି। ସୀମା ନିର୍ଦ୍ଧାରଣ ପାଇଁ ସ୍ଥାନୀୟ ପ୍ରମୁଖ ବ୍ୟକ୍ତିଙ୍କ ବାସଭବନ ଓ ସରକାରୀ ଶିକ୍ଷାନୁଷ୍ଠାନକୁ ମାନଦଣ୍ଡ ଭାବେ ନିଆଯାଇଛି। ୱାର୍ଡ ନମ୍ବର ୧ ବାଙ୍କସାହିରୁ ଆରମ୍ଭ ହୋଇଥିବା ବେଳେ ୱାର୍ଡ ନମ୍ବର ୧୪ ତଳ ନୁଆସାହି ପର୍ଯ୍ୟନ୍ତ ବିସ୍ତୃତ। ସଂରକ୍ଷଣ ତାଲିକା ଅନୁଯାୟୀ ମହିଳା ମାନଙ୍କ ପାଇଁ ୱାର୍ଡ ନଂ ୧, ୩, ୪, ୧୨ ଏବଂ ୧୩। ଅନୁସୂଚିତ ଜାତି (ମହିଳା) ମାନଙ୍କ ପାଇଁ ୱାର୍ଡ ନଂ ୨। ଅନୁସୂଚିତ ଜନଜାତି (ମହିଳା) ମାନଙ୍କ ପାଇଁ ୱାର୍ଡ ନଂ ୫। ଅନୁସୂଚିତ ଜାତି ସାଧାରଣ)ବର୍ଗ ପାଇଁ ୱାର୍ଡ ନଂ ୧୪। ଅଣ-ସଂରକ୍ଷିତ (ସାଧାରଣ) ବର୍ଗ ପାଇଁ ୱାର୍ଡ ନଂ ୬, ୭, ୮, ୯, ୧୦ ଏବଂ ୧୧। ଧୂଷୁରୀକୁ ସହରର ମାନ୍ୟତା ମିଳିଥିବାରୁ ସ୍ଥାନୀୟ ବାସିନ୍ଦା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ଅଞ୍ଚଳରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା, ଇଣ୍ଡୋର ଷ୍ଟାଡିୟମ, ଦମକଳ କେନ୍ଦ୍ର, ବସଷ୍ଟାଣ୍ଡ ଏବଂ ବଜାର ଅଞ୍ଚଳରେ ଟ୍ରାଫିକ ବ୍ୟବସ୍ଥା ସହ ରାସ୍ତା ସମ୍ପ୍ରସାରଣ ପାଇଁ ଜନସାଧାରଣ ଦାବି କରିଛନ୍ତି। ମିଳିଥିବା ଅନୁଦାନ ରାଶିରେ ବଜାରର ଆଲୋକୀକରଣ ଓ ପରିମଳ ସମସ୍ୟାର ସମାଧାନ ହେବ ବୋଲି ଲୋକେ ଆଶାବାଦୀ ଅଛନ୍ତି।

## ଏଏସ୍‌ଆଇ ଲରେନ୍ସ କୁଜୁରଙ୍କୁ ସମ୍ବର୍ଦ୍ଧନା



ଧାମନଗର,୮।୫(ସମିସ): ଧାମନଗର ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଉକ୍ତ ଥାନାରେ ଦୀର୍ଘ ୩ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଥିବା ଦକ୍ଷ ପୁଲିସ ଏଏସ୍‌ଆଇ ଲରେନ୍ସ କୁଜୁରଙ୍କ ଅନ୍ୟ ଥାନାକୁ ବଦଳି ହୋଇଛି। ଏହି ଅବସରରେ ଥାନା ପରିସରରେ ଏକ ସମ୍ବର୍ଦ୍ଧନା ସଭା କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଜର କାର୍ଯ୍ୟକାଳ ମଧ୍ୟରେ ସେ ଅନେକ ପଞ୍ଚାୟତର ଜନସାଧାରଣଙ୍କୁ ନ୍ୟାୟ ଦେବା ସହ ଥାନା ଅଧୀନ ଲୋକଙ୍କ ମନଭିତରେ ଜଣେ ସୁପରିଚିତ ବ୍ୟକ୍ତିତ୍ୱ ଭାବରେ ନିଜକୁ ଗଢ଼ି ପାରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଥାନା ଅଧିକାରୀ ଶୁଭ୍ରଜିତ ଦାଶ, ପ୍ରାକ୍ତନ ଥାନା ଅଧିକାରୀ ରଞ୍ଜନ ସେଠୀ, ଏସ୍‌ଆଇ ନାରାୟଣ ଚନ୍ଦ୍ର ନାୟକ, ରଶ୍ମିତା ମଲ୍ଲିକ, ମହେଶ୍ୱର ପ୍ରଧାନ ଏବଂ ଏଏସ୍‌ଆଇ ନରେନ୍ଦ୍ର ରାଉତ, ସୁଜିତ ରାଉତ, କଳ୍ପନା ରାଉତ, କନେଷ୍ଟବଳ ନୀଳମଣି ବିଳାସ ଓ ଥାନାର ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଥାନା ତରଫରୁ ଉପଢୌକନ,ପୁଷ୍ପଗୁଚ୍ଛ ଏବଂ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯିବା ସହ ତାଙ୍କର ନୂତନ କର୍ମକ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରନ୍ତୁ ବୋଲି ଅତିଥିମାନେ କହିଥିଲେ।

## ଅଧ୍ୟାପକ ଫକୀର ଶଙ୍ଖୁଆଙ୍କୁ ସମ୍ବର୍ଦ୍ଧନା



ବନ୍ତ/ଆଗରପଡ଼ା,୮।୫(ସମିସ):ସୋସୋ ସ୍ଥିତ ବଉଳା କଲେଜ ଅଧ୍ୟାପକ ଫକୀର ଶଙ୍ଖୁଆଙ୍କୁ ଆଗରପଡ଼ା ସ୍ଥିତ ଆଂଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାଗୃହରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟାପକଙ୍କ ପ୍ରେରଣା ଓ ଦିଗଦର୍ଶନ ପାଇଁ ବହୁ ଛାତ୍ରଛାତ୍ରୀ ବହୁ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇପାରିଛନ୍ତି । ଏହି ଛାତ୍ରଛାତ୍ରୀମାନେ ଅଧ୍ୟାପକଙ୍କ ଜନ୍ମଦିନ ପରିପ୍ରେକ୍ଷୀରେ କୃତଜ୍ଞତା ଜଣାଇବା ପାଇଁ ଏହିପରି ଆୟୋଜନ କରିଥିଲେ । ପ୍ରାକ୍ତନ ସରପଂଚ ରବିନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱ ଓ ଶିକ୍ଷକ ପଂଚାନନ ପୃଷ୍ଟିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବ ରେ ବଉଳା କଲେଜ ଅଧ୍ୟକ୍ଷ, ଶିକ୍ଷାବିତ ଭୋଳାନାଥ ନାଥ ନାୟକ,ଜଗନ୍ନାଥ ମଲ୍ଲିକ ପ୍ରମୁଖ ଯୋଗଦେଇ ଅଧ୍ୟାପକଙ୍କ ଭୂୟସୀ ପ୍ରଂଶସା କରିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ ଶାନ୍ତନୁ




ଭଦ୍ରକ,୮।୫(ସମିସ): ନିଜର ବିଚକ୍ଷଣ ପ୍ରତିଭା ପାଇଁ ଚଳିତ ୨୦୨୬ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି ଚାନ୍ଦବାଲିର କୁନି ପୁଅ ଶାନ୍ତନୁ ଦାସ। ଚାନ୍ଦବାଲି ବ୍ଲକ ତେନ୍ତୁଲିଡ଼ିହି ଗାଁର ଚିନ୍ତାମଣି ଦାସଙ୍କ ପୁତ୍ର ଶାନ୍ତନୁ ଅଢ଼େଇ ବର୍ଷ ବୟସରେ ବିଭିନ୍ନ ପଶୁ ପକ୍ଷୀଙ୍କ ନାମ ହିନ୍ଦୀ ଆଉ ଓଡ଼ିଆରେ କହି ଦେଉଥିବା ବେଳେ ଇଂଲିଶ ଆଲଫାବେଟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ଚିନ୍ତାମଣି ଦାସ ଓ ପ୍ରଜ୍ଞା ପାରମିତା ଦାସଙ୍କ ଏକମାତ୍ର ପୁଅ ଶାନ୍ତନୁ ମାନପତ୍ର ଓ ପଦକ ପାଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ତାଙ୍କର ଜେଜେ ରମାକାନ୍ତ ଦାସ, କୈଳାସ ଦାସ, ଜେଜେମା କନକଲତା ଦାସ, ନିର୍ମଳା ଦାସଙ୍କ ସହ ତାଙ୍କ ପରିବାରକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ମହିଳା ଓ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ 'ଜୁଭେଣ୍ଟିକା'




ଧୂଷୁରୀ,୮।୫(ସମିସ): ଧାମନଗର ବ୍ଲକ୍ ଧୁଷୁରୀ ଅଞ୍ଚଳରେ ମହିଳା ଓ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ଧୁଷୁରୀ ଥାନା ପକ୍ଷରୁ 'ଯୁଭେଣ୍ଟିକା' ନାମକ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ କିଶୋରୀ ଓ ମହିଳାମାନଙ୍କ ସୁରକ୍ଷା, ସାଇବର ଅପରାଧ, ବାଲ୍ୟ ବିବାହ, ନାରୀ ନିର୍ଯାତନା ଓ ଆଇନଗତ ସହାୟତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧୁଷୁରୀ ଥାନା ଅଧିକାରୀ ଅଜୟ କୁମାର ବାଗେ, ଓଆଇସି ସୁଜାତା ସାହୁ ଉପସ୍ଥିତ ରହି ସଚେତନତାମୂଳକ ବାର୍ତ୍ତା ଦେଇଥିଲେ। ସେହିପରି ସାହସପୁର ଅଙ୍ଗନବାଡ଼ିର ସବୁଜିମା ତ୍ରିପାଠୀ, ଲୋପାମୁଦ୍ରା ଓଝା, ମାନସୀମଞ୍ଜରୀ ମିଶ୍ର, ପାଣିସାହିର ଶାନ୍ତିଲତା ଦୁବାଇ ଓ ଧୁଷୁରୀର ପ୍ରମିଳା ବେହେରା ଯୋଗଦେଇ କିଶୋରୀମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ସମୟରେ କିପରି ସଚେତନ ଓ ସୁରକ୍ଷିତ ରହିବେ ସେ ନେଇ ପରାମର୍ଶ ଦେଇଥିଲେ। ଧୁଷୁରୀ ଥାନାର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଧୁଷୁରୀ ଅଞ୍ଚଳର ବହୁ ସଂଖ୍ୟକ କିଶୋରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମାଜରେ ମହିଳା ଓ ଶିଶୁ ସୁରକ୍ଷା ପ୍ରତି ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ କରାଯାଇଥିଲା।

### ■ ଚାନ୍ଦବାଲି ଥାନା ପକ୍ଷରୁ ଜୁଭେଣ୍ଟିକା ସଚେତନତା

ଭଦ୍ରକ,୮।୫(ସମିସ): ଚାନ୍ଦବାଲି ଥାନା ପକ୍ଷରୁ ମହିଳା ଓ ଶିଶୁ ବିରୁଦ୍ଧରେ ବଢୁଥିବା ଅପରାଧକୁ ରୋକିବା ଓ ସାଧାରଣ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରଟି ଚାନ୍ଦବାଲି ଥାନା ଥାନା ଅଧିକାରୀ ପରେଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପୁଲିସ ଅଧିକାରୀ ମହିଳା ଓ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ, ସାଇବର ଅପରାଧ, ଶିଶୁ ନିର୍ଯାତନା, ଘରୋଇ ହିଂସା ଏବଂ ନିର୍ଭୟା ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଶିବିରରେ ଉପସ୍ଥିତ ମହିଳାମାନେ ଓ ଛାତ୍ରଛାତ୍ରୀମାନଙ୍କୁ କୌଣସି ଅପରାଧିକ ଘଟଣା ଘଟିଲେ ତୁରନ୍ତ ପୁଲିସକୁ ସୂଚନା ଦେବା ସହ ହେଲ୍ପଲାଇନ୍ ନମ୍ବର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ସମାଜରେ ମହିଳା ଓ ଶିଶୁଙ୍କ ପ୍ରତି ସମ୍ମାନ ଓ ସୁରକ୍ଷା ଭାବନା ବୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅଧିକାରୀମାନେ କହିଥିଲେ। ଶିବିରରେ ମହିଳା ଓ ଶିଶୁ ବିକାଶ ଡେସ୍କର ଅଧିକାରୀଣି ଜୟଶ୍ରୀ ଦାସ ଯୋଗ ଦେଇ ଥିବା ବେଳେ,ସିଡିପିଓ ଏକର ଅଧିକାରଣି ସବିତା ସେଠୀ, ମତୋ ଫାଣ୍ଡି ଅଧିକାରୀ ଆଶିଷ ସେନାପତି ସହ ସ୍ଥାନୀୟ ଲୋକପ୍ରତିନିଧି, ସମାଜସେବୀ ଓ ବହୁ ସଂଖ୍ୟକ ମହିଳା ଉପସ୍ଥିତ ଥିଲେ।

### ■ ବନ୍ତ/ଆଗରପଡ଼ା




ଓଡ଼ିଶା ପୁଲିସ ଓ ୟୁନିସେଫ ମିଳିତ ସହଯୋଗରେ ଆଗରପଡ଼ା ଥାନା ପରିସରରେ ଯୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ରାଜେଶ ସେଠୀ ଓ ସବଇନ୍ସପେକ୍ଟର ଆଭାରାଣୀ ପରିଡ଼ା ଉପସ୍ଥିତ ରହି ନାରୀମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଏଲଇଡି ମାଧ୍ୟମରେ ବିଭିନ୍ନ ସଚେତନତା ଧର୍ମୀ କାଯ୍ୟକ୍ରମକୁ ଉପଭୋଗ କରିଥିଲେ। ଥାନା କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ■ ଧାମନଗର

ଧାମନଗର ବ୍ଲକ ଅନ୍ତର୍ଗତ ଧାମନଗର ଥାନା ପରିସରରେ ଓଡ଼ିଶା ପୁଲିସ ଓ



ୟୁନିସେଫ୍‌ର ସହଯୋଗରେ 'ଜୁଭେଣ୍ଟିକା' ନାମକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋରୀମାନଙ୍କ ମଧ୍ୟରେ ସୁରକ୍ଷା,ଆତ୍ମବିଶ୍ୱାସ ଓ ଆଇନ ସମ୍ପର୍କିତ ସଚେତନତା ବୃଦ୍ଧି ଲକ୍ଷ୍ୟରେ ସିଡବ୍ଲ୍ୟୁପିଓ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ମହିଳା ଓ ଶିଶୁଙ୍କ ବିରୋଧରେ ଘଟୁଥିବା ବିଭିନ୍ନ ଅପରାଧ ସମ୍ପର୍କରେ କିଶୋରୀମାନଙ୍କୁ ସଚେତନ କରାଯାଇଥିଲା। ସାଇବର ଅପରାଧରୁ କିପରି ସୁରକ୍ଷିତ ରହିବେ,ଶିଶୁ ସୁରକ୍ଷା ଆଇନ, ନିର୍ଯାତନା ପ୍ରତିରୋଧ ଓ ଆଇନଗତ ସହାୟତା ବିଷୟରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ସଚେତନତା ମାଧ୍ୟମରେ ଏକ ସୁରକ୍ଷିତ ଓ ସୁସ୍ଥ ସମାଜ ଗଠନର ସନ୍ଦେଶ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମରେ ଧାମନଗର ଥାନା ଅଧିକାରୀ ସୁବ୍ରଜିତ ଦାଶ, ଏସଆଇ ନାରାୟଣ ଚନ୍ଦ୍ର ନାୟକ, ରଶ୍ମିତା ମଲ୍ଲିକ, ମହେଶ୍ୱର ପ୍ରଧାନ, ଏବଂ ଏଏସଆଇ କଳ୍ପନା ରାଉତ ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଙ୍ଗନବାଡ଼ି କର୍ମୀ ଜୟନ୍ତୀ ଜେନା, ମମିତା ମହାପାତ୍ର, ଜୁଗୁନ ବେଗମ, ଉମାମଣି ପରିଡାଙ୍କ ସହିତ ଅଂଚଳର ବହୁ କିଶୋରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ କିଶୋରୀମାନେ ପୋଲିସ ଦ୍ୱାରା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ।

### ■ ବାରିକପୁର




ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ୧୦ ରୁ ୧୮ ବର୍ଷ ଯାଏଁ ଅପ୍ରାପ୍ତ ବୟସ୍କ ବାଳିକା ମାନଙ୍କୁ ନେଇ ଜୁଭେଣ୍ଟିକା କର୍ମଶାଳା ଆୟୋଜନ ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ଥାନା ପକ୍ଷରୁ ମଧ୍ୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନେକ ବାଳିକା ଯୋଗ ଦେଇଥିବା ବେଳେ ସେମାନଙ୍କୁ ପୋଲିସ କାର୍ଯ୍ୟକାରିତା ଓ ଆଇନ ବିଷୟରେ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଇଥିଲା। ବିଶେଷ କରି ସାଇବର କ୍ରାଇମକୁ ନେଇ ସଚେତନତା ପ୍ରଦାନ କରାଯାଇଥିଲା। ଝିଅମାନେ କେଉଁଭଳି ନିଜକୁ ସୁରକ୍ଷିତ ରଖିପାରିବେ ଓ ପୁଲିସର ନିକଟତର ହେବେ ସେନେଇ ମଧ୍ୟ କର୍ମଶାଳାରେ ଗୁରୁତ୍ୱାରୋପ ପାଇଥିଲା। ମହିଳା ହିଂସା ଆଇନ ସଚେତନତା ପାଇଁ ଉକ୍ତ କର୍ମଶାଳା ଆୟୋଜନ ହୋଇଥିବା ଜଣାଯାଇଛି। ଏଥିରେ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ଓ ଏଏସଆଇ ଦେବୀକାରାଣୀ ରାଉତ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଭିଡିଓ ଚିତ୍ର ଦ୍ୱାରା ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ରଞ୍ଜୁଲତା ବାରିକ, ସଂଗୀତା ପଢିଆରି, ସୁବାଶିଷ ପରିଡା, ସବିତା ସାହୁ, ମେନକା ଅଙ୍ଗରାଇ, ଆଶିଷ ଜେନା ପ୍ରମୁଖ ପରିଚାଳନା କରିଥିଲେ।

ବିଶ୍ୱ ରେଡକ୍ରସ ଦିବସ

## ଭଦ୍ରକରେ ନିର୍ମାଣ ହେବ ସ୍ୱତନ୍ତ୍ର ରେଡକ୍ରସ ଭବନ




ଭଦ୍ରକ,୮।୫(ସମିସ):ବିଶ୍ୱ ରେଡକ୍ରସ ଦିବସ ଅବସରରେ ଭଦ୍ରକ ଜିଲ୍ଲା ରେଡକ୍ରସ ଶାଖା ପକ୍ଷରୁ ଆଜି ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରେଡକ୍ରସର ସ୍ଥାପକ ଜିନ୍ ହେନ୍ରୀ ଡୁନାଟଂଙ୍କ ଜନ୍ମଦିନ ଅବସରରେ 'ୟୁନାଇଟେଡ ହିମ୍ୟୁନିଟି' ଥିମ୍‌କୁ ନେଇ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ପୂର୍ବାହ୍ନ ୯ଟାରେ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ ଶାଖା ଅଧ୍ୟକ୍ଷ ଦିଲ୍ଲୀପ ରାଉତରାଏଙ୍କ ଦ୍ୱାରା ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଉଦ୍‌ଘାଟନ ହୋଇଥିଲା। ୧୪ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାଯାଇଛି। ପୂର୍ବାହ୍ନ ୧୧ଟାରେ ବିଶ୍ୱ ଶାନ୍ତି ଓ ମାନବତାର କାମନାରେ ଉପସ୍ଥିତ ସମସ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଜିଲ୍ଲା ରେଡକ୍ରସ ଶାଖାର ସଚିବ,

**ରକ୍ତଦାନ ଶିବିର ଓ ସମ୍ମାନ ପ୍ରଦାନ**

ଡେପୁଟି କଲେକ୍ଟର (ଜରୁରିକାଳୀନ) ଲୋକନାଥପ୍ରସାଦ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ୨୦୨୫-୨୬ ବର୍ଷର କାର୍ଯ୍ୟକଳାପ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ସଦସ୍ୟମାନେ ରେଡକ୍ରସର ମାନବସେବା, ରକ୍ତଦାନ ଓ ସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ତାଙ୍କ ଉଦ୍‌ବୋଧନରେ ରେଡକ୍ରସ ସେବାକୁ ମାନବତାର ସର୍ବୋଚ୍ଚ ପରିଚୟ ବୋଲି କହିବା ସହ ସମସ୍ତଙ୍କୁ ସ୍ୱେଚ୍ଛା ରକ୍ତଦାନ ଓ ସାମାଜିକ ସେବାରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଏହି ଶୁଭ ଅବସରରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ୍ ଶାଖାର ଉପାଧ୍ୟକ୍ଷ ରବି ନାରାୟଣ ସାହୁ, ଡେପୁଟି କଲେକ୍ଟର ଲୋକନାଥପ୍ରସାଦ ସେଠୀ, ରେଡକ୍ରସ୍‌ର ଯୁଗ୍ମ ସମ୍ପାଦିକା ବିଶ୍ୱଜିତା ବିଶ୍ୱାଳ, ଆଜୀବନ ସଭ୍ୟ ଅତିସ ବେହେରା, ମନୋରଞ୍ଜନ ଦାସ, ଶରତ ଆଚାର୍ଯ୍ୟ, ବସନ୍ତ ଦାସ, ରଞ୍ଜୁଲତା ଗାହାଣ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ସଦର ମହକୁମାରେ ଏକ ସ୍ୱତନ୍ତ୍ର ରେଡ୍‌କ୍ରସ୍ ଭବନ ସ୍ଥାପନା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ପରେ ରେଡକ୍ରସ କାର୍ଯ୍ୟକ୍ରମରେ ସହଯୋଗ ଓ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ, ରକ୍ତଦାତା ଓ ସଂଗଠନକୁ ପ୍ରଶଂସାପତ୍ର ଓ ସ୍ମାରକ ପ୍ରଦାନ କରାଯାଇଥିଲା।

## ସମ୍ବର୍ଦ୍ଧିତହେଲେ ମାଟ୍ରିକ ପରୀକ୍ଷାର୍ଥୀ



ଭଣ୍ଡାରିପୋଖରୀ,୮।୫(ସମିସ): ଶନିବାର ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷା ଫଳାଫଳରେ ଭଣ୍ଡାରିପୋଖରୀ ବ୍ଲକର ଶାରଦା ବିଦ୍ୟାମନ୍ଦିରର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଉତ୍କଳ ଫାଉଣ୍ଡେସନ ତରଫରୁ ପ୍ରଭୁ ଜଗନ୍ନାଥଙ୍କ ଫଟୋ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧିତ ହୋଇଥିବା ପରୀକ୍ଷାର୍ଥୀ ମାନେ ପିରିପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରାଚୀ ପ୍ରିୟଦର୍ଶନୀ ଦାଶ ୫୫୬ ନମ୍ବର ରଖିଛନ୍ତି। ଯାହାକି ୯୨.୬୭ ପ୍ରତିଶତ। ଏଥିସହ ବ୍ଲକ ଟପ୍ପର ସମେତ ସେହି ବିଦ୍ୟାଳୟର ଛାତ୍ର ସୁଜିତ କୁମାର ମଲିକ (୫୫୨) ଅର୍ଣ୍ଣବ କୁମାର ସେନାପତି (୫୪୪) ଓମପ୍ରକାଶ ଦାଶ (୫୪୦) ସତ୍ୟରଞ୍ଜନ ପଣ୍ଡା (୫୪୦) ଶିବଶଙ୍କର ସେଠୀ(୫୪୦) ଏବଂ ସାରୋ ଶ୍ୟାମସୁନ୍ଦର ବିଦ୍ୟାନିକେତନ ଛାତ୍ରୀ ସୁଶ୍ରୀ ସଙ୍ଗୀତା ଦାଶ (୫୪୩) ବିଶ୍ୱକଲ୍ୟାଣ ସେନାପତି (୫୪୦) ନମ୍ବର ରଖି ଏ -୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇ ଭଣ୍ଡାରିପୋଖରୀ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ବୟାବନାପୁର ପଞ୍ଚାୟତ ମଠସାହିର ତାରାକାନ୍ତ ଦାଶଙ୍କ ଝିଅ ପ୍ରାଚୀ ପ୍ରିୟଦର୍ଶନୀ ଦାଶ ସର୍ବାଧିକ ନମ୍ବର ରଖି ବ୍ଲକ ସମେତ ନିଜ ଗାଁ ପାଇଁ ସୁନାମ ଆଣିଥିବାରୁ ଶାରଦା ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନର ଗୁରୁମା ଓ ଗୁରୁଜୀଙ୍କ ସମେତ ସବୁଆଡୁ ଶୁଭେଚ୍ଛାର ଶୁଅ ଛୁଟୁଛି। ଏ -୧ରେ ୧୧ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ମଧ୍ୟରୁ ୮ଜଣ ପରୀକ୍ଷାର୍ଥୀଙ୍କ ଉପରେ ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନର ଗୁରୁମା ଗୁରୁଜୀଙ୍କ ଅବଦାନ ରହିଥିବା ଛାତ୍ରଛାତ୍ରୀ ମତ ଦେଇଥିଲେ। ଶାରଦା ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନରେ ଗତ ଶନିବାର ସନ୍ଧ୍ୟା ସମୟରେ କିଛି ପରୀକ୍ଷାର୍ଥୀଙ୍କ ସମେତ ଅଭିଭାବକ ଓ ଶିକ୍ଷକମାନେ ଉପସ୍ଥିତ ରହି ମାଟ୍ରିକ ପରୀକ୍ଷା ଫଳାଫଳର କୃତକାର୍ଯ୍ୟ ନେଇ ଉତ୍ସବ ପାଳନ କରିଥିଲେ।

# ମା' ଓ ମାଟିର ଅବଦାନ ଅତୁଳନୀୟ

**ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ ଉଦ୍‌ଯାପିତ**




ଭଦ୍ରକ,୮।୫(ସମିସ):ମା' ଓ ମାଟିର ଋଣ ଜଗତରେ କେହି ଶୁଝିପାରି ନାହାନ୍ତି ଏବଂ ତାଙ୍କ ଅବଦାନ ଅତୁଳନୀୟ। ତାହାର କଳନା ନାହିଁ କି ତୁଳନା ନାହିଁ ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ସହର କଚେରି ବଜାରସ୍ଥିତ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମାତୃଶକ୍ତି ବନ୍ଦନ ମା' ଓ ମାଟି ମହୋତ୍ସବ କମିଟି ସଭାପତି ଇଂ.ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ତଥା ଭାଷା, ସାହିତ୍ୟ ଓ ସଂସ୍କୃତି ଗବେଷକ ପଣ୍ଡିତ ଦୈତ୍ୟାରି ମହାପାତ୍ର ମୁଖ୍ୟ ବକ୍ତା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଭଦ୍ରକ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ସଂଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି, କବି ଓ ସଂଗଠକ ନିର୍ମଳ ଚନ୍ଦ୍ର ବେହୁରିଆ, ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସଭାନେତ୍ରୀ କଳ୍ପନା ଜେନା, ସମ୍ପାଦିକା ଅଞ୍ଜନା ମିଶ୍ର, ଭୂମି କନ୍ୟା ମହିଳା ସଙ୍ଗଠନ ସହ ସମ୍ପାଦିକା ସୁଶ୍ରୀ ସଙ୍ଗୀତା ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ସ୍ମୃତିରେ ଉକ୍ତ ସନ୍ଧ୍ୟାର ମଞ୍ଚକୁ ଉତ୍ସର୍ଗ କରାଯାଇଥିଲା। ମା' ଓ ମାଟି ମହୋତ୍ସବ କମିଟିର ସମ୍ପାଦକ ରବିନାରାୟଣ ଖିଲାର ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା, ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଉପସଭାନେତ୍ରୀ ଚୈତାଳି ଖିଲାର ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ଓ ସରକାରୀ ଅଧିବକ୍ତା ଅଞ୍ଜୁବାଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଡ.ଜାନକୀ ପାଢ଼ୀ, ଶିକ୍ଷୟିତ୍ରୀ ମନୋରମା ରାୟ, ଶିକ୍ଷୟିତ୍ରୀ ସାବିତ୍ରୀ ସେଠୀ ପ୍ରମୁଖ ମଂଚ ଓ ମହୋତ୍ସବ ପରିଚାଳନା କରିଥିଲେ। ଭଦ୍ରକ ମଠସାହି "ମୟୂର ଡ୍ୟାନ୍ସ ଗ୍ରୁପ୍'ର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଏବଂ ପରିଶେଷରେ ସମସ୍ତ କଳାକାର ଓ ପ୍ରତିଯୋଗୀଙ୍କୁ ପୁରସ୍କୃତ ସହ ମାନପତ୍ର ପ୍ରଦାନ କରାଯାଇଥିଲା।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



ଭଦ୍ରକ,୮।୫(ସମିସ): ଭଦ୍ରକ ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ଭଦ୍ରକ ବିଧାନସଭା ଉନ୍ନୟନ କମିଟି ବୈଠକ(ଏସିଡିସି ସଭା) ଏବଂ ଜିଲ୍ଲା ଯୋଜନା ସମିତି ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ସଭା ଭଦ୍ରକର ନୂତନ ପ୍ରଦକ୍ଷଣ ଗୃହର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ସମିତିର ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସଭାରେ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକି ଦଲାୱାଜି ହବିବ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ପ୍ରହ୍ଲାଦ ରଣା, ଜିଲ୍ଲା ଯୋଜନା ଓ ପ୍ରର୍ଯ୍ୟାଲୋଚନା କାର୍ଯ୍ୟାଳୟ, ଭଦ୍ରକର ଅର୍ଥନୀତି ବିଶେଷଜ୍ଞ ଡ.ଭଗବାନ ବାରିକ, ଜିଲ୍ଲା ପରିଷଦ ସଦସ୍ୟ ମଳୟ ଜେନା ଏବଂ ଅତିରିକ୍ତ ଏସ୍.ପି. ବିଶ୍ୱପତି ପଣ୍ଡା ଉପସ୍ଥିତ ଥିଲେ। ସଭାରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଚାଲୁଥିବା ସରକାରୀ ଯୋଜନାର ଅଗ୍ରଗତି, ସାଧାରଣ ଲୋକଙ୍କ ସୁବିଧା ସହ ପ୍ରଶାସନିକ ସମନ୍ୱୟ ଉପରେ ବିସ୍ତୃତ ସମୀକ୍ଷା ଓ ଆଲୋଚନା କରାଯାଇଥିଲା। ଉନ୍ନୟନମୂଳକ କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ସହ ଲୋକାଭିମୁଖୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ବିଧାୟକ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଯଥା ସିଡିଏମ୍‌ଓ, ଏନ୍‌ଏଚ୍‌ଏଆଇ ବିଭାଗ, ଆର୍ ଆଣ୍ଡ ବି ବିଭାଗ, ଆର୍‌ଡି ବିଭାଗ, ପୁଲିସ ବିଭାଗ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀଙ୍କୁ ନେଇ ଜିଲ୍ଲାର ବିକାଶମୂଳକ ଯୋଜନା ଓ ବାକି ରହିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ। ବିଶେଷକରି ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟଗୁଡ଼ିକୁ ନେଇ ସେ ଗଭୀର ଚିନ୍ତା ପ୍ରକାଶ କରିବା ସହ ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସମାପ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଭଦ୍ରକର ଅଧିକାରୀ ଭୋଳାନାଥ ରାଉଳ, ହରିହର ଗୁଇନ ଓ ସୁଭ୍ରାଙ୍ଗିନୀ ବେହେରା ସଭା ପରିଚାଳନାରେ ସହଯୋଗ କରିଥିଲେ।

